


# ସମୁଦ୍ର ଜାହାଜରେ କ୍ରିକେଟ୍ ଖେଳ



ଆପଣ ଅନେକ କ୍ରିକେଟ୍ ମ୍ୟାଚ୍ ଦେଖିଥିବେ । ଗାଁ ଗହଳିରେ ହେଉଥିବା କ୍ରିକେଟ୍ ଟୁର୍ଣ୍ଣାମେଂଟରେ ନିଜେ ଖେଳିଥିବେ ମଧ୍ୟ। କିନ୍ତୁ ଆପଣ ଅନୁମାନ କରିପାରୁଛନ୍ତି କି ସମୁଦ୍ର ଉପରେ କ୍ରିକେଟ୍ ଖେଳିବାର ମଜା କେମିତି ହେବ ଏମିତି ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୋସିଆଲ ମିଡିଆରେ ଜଣେ ୟୁଜର ଏହି ଘଟଣାର ଏକ ଭିଡିଓ ସେୟାର କରିଛନ୍ତି। ଭିଡିଓରେ ଦେଖାଯାଉଛି କି ଏକ ବଡ ଜାହାଜରେ କିଛି ଲୋକ କ୍ରିକେଟ୍ ଖେଳୁଛନ୍ତି। ଏହି ଜାହାଜ ସମୁଦ୍ରରେ ଚାଲୁଥିବା ନଜର ଆସୁଛି। ତେବେ ଏହା ଖାଲି ଜାହାଜ ନୁହେଁ ବରଂ ଏକ ବିଳାସପୂର୍ଣ୍ଣ ସିପ୍। ଏଥିରେ କିଛି ଲୋକ କ୍ରିକେଟ୍ ଖେଳୁଥିବା ନଜର ଆସୁଛନ୍ତି। ଏହି ଖେଳ ସମୟରେ ସେମାନେ ବଲକୁ ଏମିତି ଏକ ମଜଭୁତ ସୂତା ସାହାଯ୍ୟରେ ବାନ୍ଧି ରଖିଛନ୍ତି ଯାହା ଫଳରେ ବଲଟି ପାଣିକୁ ଗଲେ ତାକୁ ପୁଣି ଆଣିହେବ। ସେହି ସୂତା ସହ ହିଁ ବୋଲର ବୋଲିଂ କରୁଛି ଏବଂ ବ୍ୟାଟ୍ସମ୍ୟାନ୍ ବ୍ୟାଟିଂ କରୁଛି। ସେମାନେ ଏମିତି ଆନନ୍ଦରେ ମ୍ୟାଚ୍ ଖେଳୁଛନ୍ତି ଲାଗୁଛି ସେମାନେ ସମୁଦ୍ର ଉପରେ ନୁହେଁ ବରଂ ଘର ପାଖ ପଡିଆରେ ଖେଳୁଛନ୍ତି। ସୋସିଆଲ ମିଡିଆରେ ଏହି ପୋଷ୍ଟକୁ ଅନେକ ଲୋକ ପସନ୍ଦ କରୁଛନ୍ତି। ୟୁଜର୍ସ କମେଂଟ କରୁଛନ୍ତି କି ଏହା ହେଉଛି ବେଷ୍ଟ ଗଲି କ୍ରିକେଟ୍ । ତେବେ ଏହା ଜଣାପଡିନି କି ଏହା କେଉଁ ସ୍ଥାନର ଭିଡିଓ। କିନ୍ତୁ ଭିଡିଓକୁ ସମସ୍ତେ ପସନ୍ଦ କରୁଛନ୍ତି ଏବଂ ଏହାକୁ ସେୟାର ମଧ୍ୟ କରାଯାଉଛି।

# ଗୋଟିଏ ଆଇଟମ୍ ଗୀତ ପାଇଁ ୫୦ ଲକ୍ଷ

ବଲିଉଡ ଏବଂ ସାଉଥ୍ ଅଭିନେତ୍ରୀ ତମନ୍ନା ଭାଟିଆ ପ୍ରାୟତଃ ଚର୍ଚ୍ଚାରେ ଥାଆନ୍ତି। ଅଭିନେତ୍ରୀଙ୍କ ସନ୍ଦୁରତା ପାଇଁ ସଭିଏଁ ଦିୱାନା। ତମନ୍ନା ବର୍ତମାନ ସ୍ୱିଜର ଲ୍ୟାଣ୍ଡରେ ତାଙ୍କର ଆଗାମୀ ଚଳଚ୍ଚିତ୍ର "ଭୋଲା ଶଙ୍କର" ର ସୁଟିଂରେ ବ୍ୟସ୍ତ ଅଛନ୍ତି। ତମନ୍ନା ଜଣେ ଅଭିନେତ୍ରୀ ହେବା ସହ ସୁନ୍ଦର ଡ୍ୟାନ୍ସର। କିନ୍ତୁ ଜାଣିଛନ୍ତି କି ସେ ଗୋଟିଏ ଆଇଟମ୍ ଗୀତ ପାଇଁ କେତେ ଚାର୍ଜ କରନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ ଅନିଲ ରବିପୁଦିଙ୍କ ନିର୍ଦ୍ଦେଶିତ ତଥା ନନ୍ଦାମୁରୀ ବାଲକ୍ରିଷ୍ଣାଙ୍କ ଅଭିନୀତ ଫିଲ୍ମ ଏନ୍‌ବିକେ ୧୦୮ ରେ ତମନ୍ନା ଏକ ବିଶେଷ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ତମନ୍ନା ଏକ ଆକର୍ଷଣୀୟ ଆଇଟମ୍ ଗୀତ କରିବାକୁ ରାଜି ହୋଇଛନ୍ତି, ଯେଉଁଥିପାଇଁ ସେ ୫୦,୦୦,୦୦୦ ଟଙ୍କା ମୂଲ୍ୟର ଫି ମାଗିଛନ୍ତି। ଏହା ବ୍ୟତୀତ ତମନ୍ନା ବର୍ତମାନ ନିର୍ଦ୍ଦେଶକ ନେସଲନ ଦିଲୀପ କୁମାରଙ୍କ ଅଭିନୀତ "ଜେଲର" ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ପ୍ରଶଂସକଙ୍କ ସହ ନିଜର ଉତ୍ସାହ ବାଂଟି ସେ କିମ୍ବଦନ୍ତୀ ଅଭିନେତା ରଜନୀକାନ୍ତ ଏବଂ ମୋହନଲାଲଙ୍କ ସହ ଇନଷ୍ଟାଗ୍ରାମରେ ଫିଲ୍ମର ପ୍ରଥମ ଲୁକ୍ ସେୟାର କରିଥିଲେ। ତେବେ ଏନ୍‌ବିକେ ୧୦୮ ଦଳ ଏପର୍ଯ୍ୟନ୍ତ ଏହି ଖବର ବିଷୟରେ କୌଣସି ଅଫିସିଆଲି ସୂଚନା ପ୍ରକାଶ କରି ନାହାଁନ୍ତି ଏବଂ ତମନ୍ନା ସୋସିଆଲ ମିଡିଆରେ ଏ ବିଷୟରେ ନୀରବ ରହିଛନ୍ତି।



# ଆଲିଆଙ୍କ ପରେ ନୀତୁ କିଣିଲେ ବିଳାଶପୂର୍ଣ୍ଣ ଘର

ଅଭିନେତ୍ରୀ ତଥା ରଣବୀର କପୁରଙ୍କ ମା' ନୀତୁ କପୁର। ଆଲିଆ ଭଟ୍ଟଙ୍କ ପରେ ସେ ବର୍ତ୍ତମାନ ବିଳାସପୂର୍ଣ୍ଣ ଆପାର୍ଟମେଂଟ କିଣିଛନ୍ତି। ରିପୋର୍ଟ ଅନୁଯାୟୀ, ଆଲିଆଙ୍କ ଶାଶୁ ନୀତୁ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ବିଳାସପୂର୍ଣ୍ଣ ୪-ବିଏଚ୍‌କେ ଫ୍ଲାଟ କିଣିଛନ୍ତି।



ଯାହାର ମୂଲ୍ୟ ୧୭.୪ କୋଟି ଟଙ୍କା। ଆପାର୍ଟମେଂଟଟି ୩୩୮୭ ବର୍ଗଫୁଟ, ଏହି ଘରେ ତିନୋଟି ପାର୍କିଂ ସ୍ଥାନ ରହିଛି। ପଞ୍ଜୀକରଣ ଦଲିଲ ଅନୁଯାୟୀ, ଏହି ସମ୍ପତ୍ତି କିଣିବା ପାଇଁ ନୀତୁ କପୁର ୧.୦୪କୋଟି ଟଙ୍କା ଷ୍ଟାମ୍ପ ଡ୍ୟୁଟି ଦେଇଥିବା ବେଳେ ଆପାର୍ଟମେଂଟ ମେ' ୧୦, ୨୦୨୩ରେ ତାଙ୍କ ନାଁରେ ପଞ୍ଜୀକୃତ ହୋଇଛି। ନୀତୁ କପୁର କିଣିଥିବା ସମ୍ପତ୍ତି ସନଟ୍ୟୁକ୍ ରିଅଲିଟିର ସିଗନିଆ ଆଇଲେରେ ଅବସ୍ଥିତ। ସିଗନିଆ ଆଇଲେ ଏକ ୧୯ମହଲା କୋଠା ହୋଇଥିବା ବେଳେ ନୀତୁ କପୁର ସପ୍ତମ ମହଲାରେ ଏହି ଆପାର୍ଟମେଂଟ କିଣିଛନ୍ତି। ଏହି ଆପାର୍ଟମେଂଟ ସୋଫିଟେଲ ହୋଟେଲର ଠିକ୍ ବିପରୀତରେ ଥିବା କୁହାଯାଉଛି। ନିକଟରେ ଆଲିଆ ଭଟ୍ଟ ବାନ୍ଦ୍ରାଠାରେ ଏକ ନୂଆ ଫ୍ଲାଟ କିଣିଥିଲେ। ଯାହାର ମୂଲ୍ୟ ୩୭ କୋଟି ଟଙ୍କା। ଏହା ବ୍ୟତୀତ ଆଲିଆ ଆଉ ଦୁଇଟି ଫ୍ଲାଟ କିଣିଛନ୍ତି। ଆଲିଆ ଏହି ଫ୍ଲାଟକୁ ତାଙ୍କ ଭଉଣୀ ଶାହିନ ଭଟ୍ଟଙ୍କୁ ଦେଇଛନ୍ତି। ସୂଚନାନୁସାରେ, ଆଲିଆ ଏବଂ ରଣବୀର କପୁର ମଧ୍ୟ ସେମାନଙ୍କ ନୂତନ ଗୃହ ନିର୍ମାଣ ଉପରେ ଦୃଷ୍ଟି ରଖିଛନ୍ତି।



# ରାଜାମୌଳି ବଦଳାଇଥିଲେ ଜୁନିଅର ଏନଟିଆରଙ୍କ ଭାଗ୍ୟ

ଜୁନିଅର ଏନଟିଆର ଏବଂ ରାଜାମୌଳିର ଯୋଡି ସ୍କ୍ରିନରେ ଧମାକା କରିଛି। ଆରଆରଆର ମାଧ୍ୟମରେ ସମଗ୍ର ବିଶ୍ୱ ଏହା ଦେଖି ସାରିଛି। ହିନ୍ଦୀ ଦର୍ଶକମାନେ ମଧ୍ୟ ତାଙ୍କ ଡବିଂ ଚଳଚ୍ଚିତ୍ର ଟିଭିରେ ଦେଖିଥିବେ। କିନ୍ତୁ ତାଙ୍କର ଏହି ବିସ୍ଫୋରକ ଅବତାରରେ ଦେଖି ଲୋକଙ୍କ ପ୍ରତିକ୍ରିୟା ଅଜବ ଥିଲା। ବିଶେଷକରି ଫିଲ୍ମର ଏକ ଏନ୍‌ଟ୍ରିଆରର କାମ ଦେଖିବା ପରେ ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି ଗୀତରେ ଜୁନିୟର ଏନ୍‌ଟିଆରଙ୍କ ପ୍ରଦର୍ଶନ ଉପରେ ରାଜାମୌଳି କହିଥିଲେ, 'ମୁଁ ଭାବୁନାହିଁ ଯେ ଭାରତୀୟ ପରଦାରେ ଅନ୍ୟ କୌଣସି ଅଭିନେତା' ଅଛନ୍ତି ତାହା ଆଉ କେହି କରିପାରିବେ ନାହିଁ। ଆଧୁନିକ ଭାରତୀୟ ସିନେମା ଯୁଗରେ ରାଜାମୌଳି ସବୁଠାରୁ ସଫଳ ତଥା ପ୍ରତିଭା ନିର୍ଦ୍ଦେଶକଙ୍କ ମଧ୍ୟରେ ଗଣାଯାଏ । ପରଦାରେ ଧମାଲ କରିଥିବା ଏହି ଯୋଡି ବାସ୍ତବ ଜୀବନରେ ମଧ୍ୟ ଅତି ନିକଟତର। ଏତେ ନିକଟତର ଯେ ଜୁନିଅର ଏନଟିଆର ରାଜମୌଳିଙ୍କୁ ତାଙ୍କ ସଫଳତାର ଶ୍ରେୟ ଦେଇଥିଲା। କାହିଁକି ନା ଆରଆରଆର ଏହାକୁ ଓସ୍କାର ଦୌଡ଼ରେ ସାମିଲ୍ ହୋଇଥିଲା ଏବଂ ପୁରସ୍କାର ମଧ୍ୟ ପାଇଲା। ତେଲୁଗୁ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଦୁଇଟି ବଡ଼ ସ୍ତମ୍ଭ ମଧ୍ୟରୁ ଏନ୍.ଟି ରାମା ରାଓଙ୍କ ନାତି ପିଲାଦିନରୁ ଅଭିନୟ ଆରମ୍ଭ କରିଥିଲେ। ୭ ବର୍ଷ ବୟସରେ ତାଙ୍କ ଜେଜେବାପାଙ୍କ ଚଳଚ୍ଚିତ୍ର 'ବ୍ରହ୍ମର୍ଷୀ ବିଶ୍ୱମିତ୍ର' ସହିତ ଅଭିନୟ ଆରମ୍ଭ କରିଥିଲେ। ୧୯୯୭ ରେ, ସେ 'ରାମାୟଣ'ରେ ପ୍ରଭୁ ରାମଙ୍କ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। 'ଷ୍ଟୁଡେଂଟ ନମ୍ବର-୧' ପରେ, ତାରକ ପରବର୍ତ୍ତୀ ୪ଟି ଚଳଚ୍ଚିତ୍ରରେ କାମ କରିଥିଲେ। ହେଲେ 'ଆଦି' (୨୦୦୨) ଏକ ବଡ଼ ହିଟ୍ ହୋଇଥିଲା। ୨ ଟି ଚଳଚ୍ଚିତ୍ର ଫ୍ଲପ୍ ଏବଂ ଗୋଟିଏ ଆଭରେଜ ଥିଲା। ୨୦୦୩ରେ, 'ସିମହାଦ୍ରି' ସହିତ ରାଜାମୌଳି-ତାରକର ଯୋଡି ପୁଣି ଥରେ ବଡ ପରଦାରେ ଧମାଲ କରିବା ସହ ଚଳଚ୍ଚିତ୍ର ବହୁତ କଲେକସନ୍ କରିଥିଲା। ରାଜମୌଳିଙ୍କ ସହ ମିଳିତ ହେବା ପୂର୍ବରୁ ସେ ୬ ଟି ଚଳଚ୍ଚିତ୍ର କରିଥିଲେ, ସେଥିମଧ୍ୟରୁ ୪ଟି ଫ୍ଲପ୍ ଥିଲା। ବାରମ୍ବାର ବିଫଳ ହେବା ପରେ ୨୦୦୭ରେ, ରାଜାମୌଳି ଏବଂ ଏନ୍‌ଟିଆର ପୁଣି ଥରେ 'ୟାମଦୋଙ୍ଗା'ରେ ଏକାଠି ହୋଇଥିଲେ। ଯାହା ବକ୍ସ ଅଫିସରେ ଭଲ କଲେକସନ କଲା। ୨୦୧୩ରେ ପ୍ରଥମ ଥର ପାଇଁ 'ବାଦଶାହ' ସହିତ ବକ୍ସ ଅଫିସରେ ୧୦୦ କୋଟି ସଫଳତାର ଚିଡି ଚଢ଼ିଥିଲେ। ୨୦୧୬ରେ 'ନାନ୍ନାକୁ ପ୍ରେମାଥୋ' ସହିତ କ୍ରମାଗତ ସେଞ୍ଚୁରି ମାରିଲେ। ଏହି ସମୟରେ ସେ 'ଜନତା ଗ୍ୟାରେଜ', 'ଜୟ ଲଭ କୁଶ' ଏବଂ 'ଅରବିନ୍ଦ ସମଥା' ଭଳି ବଡ଼ ହିଟ୍ ଦେଲେ। ୨୦୨୨ରେ, ଏନଟିଆର ଏବଂ ରାଜାମୌଳି ପୁଣି ଥରେ ଆରଆରଆରରେ ଏକାଠି ହେଲେ। ରାମ ଚରଣଙ୍କ ସହ ଲିଡ୍ କରୁଥିବା ଏନଟିଆର ଭାରତୀୟ ସିନେମାକୁ ସବୁଠୁ ବଡ ହିଟ୍ ଫିଲ୍ମ ଦେଇଥିଲେ। ଆରଆରଆର ୧୧୦୦ କୋଟିରୁ ଅଧିକ ରୋଜଗାର କରୁଥିବା ଚଳଚ୍ଚିତ୍ର ହୋଇପାରିଛି। ଜୁନିଅର ଏନଟିଆର ବିଷୟରେ କହିବାକୁ ଗଲେ, ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ରର ଟାଇଟଲ୍ 'ଏନଟିଆର ୩୦' ଭାବରେ ରଖାଯାଇଛି। 'ଜନତା ଗ୍ୟାରେଜ୍' ନିର୍ଦ୍ଦେଶକ କରତାଲା ଶିବାଙ୍କ ସହ ତାଙ୍କ ଚଳଚ୍ଚିତ୍ରରେ ଏକ ବଡ଼ ହିଟ୍ ହେବ ବୋଲି ଆଶା କରାଯାଉଛି। ଏହା ପରେ ତାଙ୍କୁ 'କେଜିଏଫ୍' ଫେମ୍ ପ୍ରଶାନ୍ତ ନୀଲଙ୍କ ପରବର୍ତ୍ତୀ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଯାହାର ବହୁତ ବଡ ହିଟ୍ ହୋଇପାରେ ବୋଲି କୁହାଯାଉଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୨୫

# ପାପମୋଚନ କରୁଥିବା ଏକାଦଶୀ ବ୍ରତ


ଡକ୍ଟର ତପନ କୁମାର ପାଳ

ହିନ୍ଦୁଧର୍ମରେ ବର୍ଷକୁ ୨୪ଟି ଏକାଦଶୀ ପାଳନ କରିବାର ପରମ୍ପରା ରହିଛି। ଚୈତ୍ରମାସର କୃଷ୍ଣ ପକ୍ଷ ଏକାଦଶୀକୁ ପାପମୋଚନୀ ଏକାଦଶୀ କୁହାଯାଏ। ମାନ୍ୟତା ଅନୁଯାୟୀ ଏହି ଦିନ ଯେଉଁ ମନୁଷ୍ୟ ଭକ୍ତି ଭାବରେ ବ୍ରତ ରଖିଥାଏ, ତାର ସମସ୍ତ ପାପ ନଷ୍ଟ ହୋଇଯାଏ। ଏଥର ଏହି ଏକାଦଶୀ ୧୩ ମାର୍ଚ୍ଚରେ ପଡୁଛି। ଏହି ଏକାଦଶୀ ପାପକୁ ନଷ୍ଟ କରିବା ସହିତ ମନୁଷ୍ୟ ପୂଣ୍ୟର ଅଧିକାରୀ କରିଥାଏ। ବ୍ରତଧାରୀମାନଙ୍କ ପାଇଁ ମୋକ୍ଷର ଦ୍ୱାର ଖୋଲିଯାଇଥାଏ। ଏହି ଏକାଦଶୀର ମହତ୍ୱ ବିଷୟରେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଥିଲେ। ଏହି ଏକାଦଶୀ ବିଷୟରେ ଶ୍ରୀକୃଷ୍ଣ କହିଛନ୍ତି ଯେ ଯେଉଁ ମନୁଷ୍ୟ କୃଷ୍ଣ ପକ୍ଷ ଏକାଦଶୀ ବ୍ରତ ରଖିଥାଏ ତାର ଜନ୍ମଜନ୍ମାନ୍ତର ପାପ ନଷ୍ଟ ହୋଇଯାଏ। ଏହି ଏକାଦଶୀ ଦିନ ଭକ୍ତକୁ ଭଗବାନ ବିଷ୍ଣୁଙ୍କ ପୂଜା କରିବା ଆବଶ୍ୟକ। ଏପରି କରିବା ଦ୍ୱାରା ଭଗବାନଙ୍କ ଆଶୀର୍ବାଦ ମିଳିଥାଏ। ଥରେ ଜଣେ ଋଷି କଠୋର ତପସ୍ୟାରେ ଲୀନ ଥିଲେ। ତାଙ୍କର ତପସ୍ୟା ପ୍ରଭାବ ଦେଖି ଦେବରାଜ ଇନ୍ଦ୍ର ଭୟଭୀତ ହୋଇପଡ଼ିଲେ। ଋଷିଙ୍କ ତପସ୍ୟା ଭଙ୍ଗ କରିବା ଲାଗି ଇନ୍ଦ୍ର ମଞ୍ଜୁଘୋଷା ନାମ୍ନୀ ଅପସରାକୁ ପଠାଇଲେ। ମେଧାବୀ ଋଷି ଅପସରାର ହାବଭାବ ଦେଖି ମୁଗ୍ଧ ହୋଇଗଲେ।

ମେଧାବୀ ଋଷି ଶିବଭକ୍ତି ଛାଡ଼ି ମଞ୍ଜୁଘୋଷା ସହିତ ରହିବାକୁ ଲାଗିଲେ। ଅନେକ ବର୍ଷ ବିତିଯିବା ପରେ ମଞ୍ଜୁଘୋଷା ସ୍ୱର୍ଗକୁ ଫେରିଯିବା ଲାଗି ଋଷିଙ୍କ ଆଜ୍ଞା ଚାହିଁଲେ। ଏହି ସମୟରେ ଋଷିଙ୍କର ଭକ୍ତମାର୍ଗରୁ ହଟିବାର ବୋଧ ହେଲା ଏବଂ ନିଜ ପ୍ରତି ଗ୍ଲାନି ଉତ୍ପନ୍ନ ହେଲା। ଋଷିଙ୍କ ଧର୍ମଭ୍ରଷ୍ଟ କରିଥିବାରୁ ଅପସରାକୁ ସେ ଅଭିଶାପ ଦେଲେ। ଅଭିଶାପ ଫଳରେ ଅପସରା ପିଶାଚିନୀରେ ପରିଣତ ହେଲା। ସେ ନିଜର ଅବସ୍ଥା ପାଇଁ ଦୁଃଖିତ ହେଲା ଏବଂ ଅଭିଶାପରୁ ମୁକ୍ତି ନିମନ୍ତେ ଋଷିଙ୍କୁ ପ୍ରାର୍ଥନା କଲା। ସେହି ସମୟରେ ଦେବର୍ଷି ନାରଦ ସେଠାକୁ ଆସିଲେ ଏବଂ ଅପସରା ଏବଂ ଋଷି ଉଭୟଙ୍କୁ ପାପରୁ ମୁକ୍ତି ଲାଗି ପାପମୋଚିନୀ ଏକାଦଶୀ ବ୍ରତ କରିବା ଲାଗି ପରାମର୍ଶ ଦେଲେ। ନାରଦଙ୍କ ଦ୍ୱାରା କୁହାଯାଇଥିବା ମାର୍ଗରେ ବିଧିବିଧାନ ପୂର୍ବକ ଉଭୟ ପାପମୋଚନୀ ଏକାଦଶୀ ବ୍ରତ କଲେ ଯାହାଦ୍ୱାରା ସେମାନଙ୍କ ପାପମୋଚନ ହୋଇଥିଲା। ଋଷି ପୁଣିଥରେ ନିଜର ତପୋବନ ଫେରିପାଇଲେ ଏବଂ ଅପସରା ଅଭିଶାପ ମୁକ୍ତ ହୋଇ ପିଶାଚିନୀ ଯୋନିରୁ ଅପସରା ଯୋନିରେ ପ୍ରକଟ ହେଲା। ଶାସ୍ତ୍ରରେ କୁହାଯାଇଛି ଯେ ଏହି ଏକାଦଶୀ ବ୍ରତ କଥା ପଢ଼ିଲେ ଏବଂ ଶୁଣିଲେ ଏକ ହଜାର ଗୋଦାନର ପୂଣ୍ୟଫଳ ମିଳିଥାଏ। ବ୍ରହ୍ମହତ୍ୟା, ସୁବର୍ଣ୍ଣ ଚୋରି ଏବଂ ସୁରାପାନ କରୁଥିବା ମହାପାପୀ ମଧ୍ୟ ଏହି ବ୍ରତ କରି ପାପମୁକ୍ତ ହୋଇଯାନ୍ତି। ଏହି ବ୍ରତ ଅତ୍ୟନ୍ତ ପୂଣ୍ୟଦାୟୀ ଅଟେ। ତେବେ ବ୍ରତ ପାଇଁ ନିୟମ ହେଉଛି ପ୍ରାତଃ ସ୍ନାନ କରି ଉଠିବା ପରେ ଭଗବାନ ବିଷ୍ଣୁଙ୍କ ପୂଜା କରିବା ଉଚିତ। ଘିଅର ଦୀପ ଜଳାଇବା ଉଚିତ। ଭଗବାନ ବିଷ୍ଣୁଙ୍କୁ ଅଜାଣତରେ ହୋଇଥିବା ପାପ ଲାଗି ପ୍ରାର୍ଥନା କରିବା ଆବଶ୍ୟକ। ଯେତେ ଅଧିକ ସମ୍ଭବ ଓମ ନମୋ ଭଗବତେ ବାସୁଦେବାୟ ମନ୍ତ୍ରର ଜପ କରନ୍ତୁ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*
*ଦୂରଭାଷ : ୯୯୩୭୬୫୮୩୬୨*

# ଫ୍ଲାଟ୍ସ ଫ୍ୟାଶନ


ଅପର୍ଣ୍ଣା ନାୟକ

ହିଲ୍ସ, ମହିଳାଙ୍କ ଷ୍ଟାଇଲ ଷ୍ଟେଟ୍‌ମେଣ୍ଟ ହୋଇପାରେ । କିନ୍ତୁ ଯେବେ କମ୍ଫର୍ଟ କଥା ଆସେ ଫ୍ଲାଟ୍ସ ପାଲଟିଯାଏ ମହିଳାଙ୍କ ପ୍ରଥମ ପସନ୍ଦ । ଆଜିକାଲି ବିଭିନ୍ନ ଡିଜାଇନ୍ ଓ କଲର୍‌ର ଫ୍ଲାଟ୍ସ ଉପଲବ୍ଧ ହେଉଛି । ଏଗୁଡ଼ିକ ଯେମିତି କମ୍ଫର୍ଟେବଲ, ସେମିତି ଫ୍ୟାଶନେବଲ୍ ବି । ସେଥିପାଇଁ ଦିନକୁ ଦିନ ଏହାର ଚାହିଦା ବଢ଼ିବାରେ ଲାଗିଛି ।

କମ୍ଫର୍ଟ ସହ ଶରୀର ପାଇଁ ଉପକାରୀ ଫ୍ଲାଟ୍ସ : ହାଇ ହିଲ୍ ପିନ୍ଧିଲେ ଫ୍ୟାଶନେବଲ୍ ଲାଗେ ସିନା ଶରୀର ପାଇଁ ଏହା କ୍ଷତିକାରକ । ଏହାର କୁପ୍ରଭାବ ମେରୁଦଣ୍ଡ ଉପରେ ପଡ଼ିଥାଏ । ତେଣୁ ଡାକ୍ତର ପରାମର୍ଶ ନିଅନ୍ତୁ ସବୁବେଳେ କମ୍ ହିଲ୍ ଜୋତା କିମ୍ବା ଫ୍ଲାଟ୍ସ ପିନ୍ଧିବାକୁ । ଅନ୍ୟପକ୍ଷେ ଏବେ ବିଭିନ୍ନ ପ୍ରକାର ଟ୍ରେଣ୍ଡି ଓ ଷ୍ଟାଇଲିସ୍ ଫ୍ଲାଟ୍ସ ବି ବଜାରରେ ଉପଲବ୍ଧ ହେଉଛି, ଯାହାକୁ ଯୁବପିଢ଼ି ନିଜର ଆଉଟଫିଟ୍ ସହ ମ୍ୟାଚ କରି ପିନ୍ଧି ପାରିବେ ।

ଫ୍ଲାଟ୍ସର ପ୍ରକାର

ଫ୍ଲୋଟର୍ସ : ଟ୍ରେଣ୍ଡି ଓ କମ୍ଫର୍ଟେବଲ ଫ୍ଲୋଟର୍ସ ଫ୍ୟାଶନ ସବୁବେଳେ ରହି ଆସିଛି । ଏହାକୁ ଜିନ୍ସ ଓ ଟି-ସାର୍ଟ ସହ ପିନ୍ଧିଲେ ଅଧିକ ଭଲ ଲାଗେ । ବର୍ଷା ଦିନ ପାଇଁ ତ ଏହା ସବୁଠୁ ଭଲ । ବିଭିନ୍ନ ଡିଜାଇନ ଓ କଲରରେ ଉପଲବ୍ଧ ଏହି ଫ୍ଲୋଟର୍ସ ଲଙ୍ଗ ଲାଷ୍ଟିଂ ମଧ୍ୟ ।

ପମ୍ପସ୍ : ପାଦର ଆଗ, ପଛ ଓ ଦୁଇ ପାର୍ଶ୍ୱକୁ ଘୋଡ଼ାଇ ରଖୁଥିବା ପମ୍ପସ୍ ହେଉଛି ଏକ ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡ । ବିଭିନ୍ନ ପ୍ରକାରର କଲର୍ ତାହା ବ୍ରାଇଟ ହେଉ ଅବା ସ୍ମୋକି ଗ୍ରେ ଅବା ହଳଦିଆ ଓ ଗୋଲାପୀ ସବୁ ରଙ୍ଗରେ ଏହା ଉପଲବ୍ଧ । ଏହାସବୁ ପ୍ରକାର ଡ୍ରେସ ପାଇଁ ଫିଟ୍ । ତାହା ସ୍କର୍ଟ ହେଉ ଅବା ମାକ୍ସି ଡ୍ରେସେସ୍ ଅଥା କ୍ୟାପ୍ରି ସବୁଥିରେ ଏହା ଷ୍ଟାଇଲିସ୍ ଲାଗିଥାଏ ।

ଫ୍ଲିପ୍ ଫ୍ଲପ୍ : କଲେଜ ଗର୍ଲଙ୍କ ମଧ୍ୟରେ ଏହାର ଚାହିଦା ଖୁବ୍ ବେଶି । ଏହା ସବୁ ପ୍ରକାର ଆଉଟଫିଟ୍‌ରେ ଭଲ ଲାଗିଥାଏ । ବିଭିନ୍ନ ପ୍ରକାରର ଡିଜାଇନ୍, କଲର ଓ ପ୍ୟାଟର୍ଣ୍ଣରେ ଉପଲବ୍ଧ ହେଉଥିବା ଏହି ଫ୍ଲିପ୍ ଫ୍ଲପ ହେଉଛି ସବୁବେଳେ ସମସ୍ତଙ୍କର ପ୍ରଥମ ପସନ୍ଦ ।

ପିପ୍ ଟୋଜ୍ : ଆଗପଟେ ପାଦର ଆଙ୍ଗୁଳି ଦେଖାଯାଉଥିବା ଏହି ସାଣ୍ଡଲ ହେଉଛି ଏବେକାର ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡି । ଶର୍ଟ ଡ୍ରେସ, ମିନି ସ୍କର୍ଟ ସାଙ୍ଗକୁ ପିପ୍ ଟୋ ସାଣ୍ଡଲ ବେଶ ଟ୍ରେଣ୍ଡି ଓ ଫ୍ୟାଶନେବଲ୍ ଲାଗିଥାଏ ।

ଷ୍ଟ୍ରାପି ସାଣ୍ଡଲସ୍ : ଷ୍ଟ୍ରାଇପ୍ସ ଦ୍ୱାରା ପାଦ ଗୁଡ଼େଇ ହୋଇ ରହୁଥିବା ଏହି ସାଣ୍ଡଲ ଖୁବ୍ ଟ୍ରେଣ୍ଡି । ଟ୍ରାଉଜର୍ସ ଓ ଫର୍ମାଲସ୍‌ରେ ଏହା ବହୁତ ଭଲ ଲାଗିଥାଏ । ସାଧାରଣତଃ ଡାର୍କ କଲରରେ ଉପଲବ୍ଧ ହେଉଥିବା ଏହି ସାଣ୍ଡଲରୁ ଅନ୍ତତଃ ହଳେ ନିଜ ୱାର୍ଡ଼ରୋବ୍‌ରେ ରଖିବା ଜରୁରୀ ।

ଫ୍ଲାଟ ବୁଟ୍ସ : ଯଦି ଆପଣ ରଫ୍ ଆଣ୍ଡ ଟଫ୍ ପସନ୍ଦ କରନ୍ତି ତେବେ ଫ୍ଲାଟ ବୁଟ୍ସକୁ ଆପଣାଇ ପାରନ୍ତି । ସାଧାରଣତଃ ବ୍ଲାକ, ବ୍ରାଉନ୍ ଓ ବିଜ୍ କଲର୍‌ରେ ଉପଲବ୍ଧ ହେଉଥିବା ଏହି ଚମନା ଫ୍ଲାଟ ବୁଟ୍ସଗୁଡ଼ିକ ଖୁବ୍ ଷ୍ଟାଇଲିସ ଓ ଆଇ କ୍ୟାଚିଂ ମଧ୍ୟ । ମିନି ସ୍କର୍ଟ, ଶର୍ଟ ପ୍ୟାଣ୍ଟ ଓ ଶର୍ଟ ଡ୍ରେସ୍‌ରେ ଏହା ବେଶି ଭଲ ଲାଗେ ।

କିଛି ଟିପ୍ସ :

❀ ବିଭିନ୍ନ ନ୍ୟୁଟ୍ରାଲ କଲର୍ ଯେମିତିକି ବ୍ଲାକ, ବ୍ରାଉନ, ବିଜ୍, ଗ୍ରେ କିମ୍ବା ନେଭି ବ୍ଲୁ କଲରର୍ ଫ୍ଲାଟ୍ସ ନିଜ ୱାଡ଼ରୋବ୍‌ରେ ସାମିଲ କରନ୍ତୁ । କାରଣ ଏହା ଯେ କୌଣସି ଆଉଟଫିଟ୍ ସହ ମ୍ୟାଚ କରିଥାଏ ।

❀ ଟ୍ରାଉଜର୍ ସହିତ ଲେସ୍ ଥିବା ଏବଂ ଲୋଫର୍ ଷ୍ଟାଇଲର ଫ୍ଲାଟ୍ସ ଭଲ ମାନିଥାଏ।

❀ ସାଧାରଣତଃ ଗୋଇଠିରୁ ଉପରକୁ ରହୁଥିବା ଫ୍ଲାଟ୍ସ ଯେମିତିକି ଫ୍ଲାଟ ବୁଟ୍ସ ଏବଂ ଷ୍ଟ୍ରାପି ସାଣ୍ଡଲ ପିନ୍ଧିଲେ ଗୋଡ଼ର ଲମ୍ବା କମ୍ ଲାଗିଥାଏ । ସେଥିପାଇଁ ମିନି ସ୍କର୍ଟ କିମ୍ବା ସର୍ଟ ଡ୍ରେସ୍ ପିନ୍ଧନ୍ତୁ। ଅଥବା ଲଙ୍ଗ ସ୍କର୍ଟ ପିନ୍ଧନ୍ତୁ । ଯଦ୍ୱାରା ଆପଣଙ୍କ ଉଚ୍ଚତା କମ୍ ଲାଗିବନି ।

*ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬*

# ଚିକିତ୍ସା ଦ୍ୱାରା ଭଲ ହୋଇପାରିବ ଅଟିଜମ୍


ଡାକ୍ତର ଗୁରୁପଦ ମିଶ୍ର

ଅଟିଜମ୍ ହେଉଛି ଏକ ମାନସିକ ବିକୃତି, ଯାହାକି ଶିଶୁ ଠାରେ ୧.୬ରୁ ୨ ବର୍ଷ ବୟସ ମଧ୍ୟରେ ଦେଖାଯାଇଥାଏ। ଏହା ଦ୍ୱାରା କଥା କହିବା, ବୁଝିବା ଓ ଅନ୍ୟ ସହ ଭାଷାର ବ୍ୟବହାର କରି ସାମାଜିକ ସମ୍ପର୍କ ସ୍ଥାପନ କରିବାରେ କଷ୍ଟ ହୋଇଥାଏ। ପ୍ରାକୃତିକ ଖାଦ୍ୟର ଅଭାବ ଓ ଅନିୟମିତ ଖାଦ୍ୟ ଗ୍ରହଣ ଯୋଗୁ ଶିଶୁଙ୍କଠାରେ ଏହା ଦେଖାଯାଇଥାଏ। ଠିକ୍ ଭାବେ ଚିକିତ୍ସା କଲେ ଏହା ଆରୋଗ୍ୟସାଧ ହୋଇପାରିବ ଏବଂ ଏଥିପାଇଁ ବ୍ୟାପକ ସଚେତନତା ଲୋଡ଼ା ବୋଲି ଚିକିତ୍ସକମାନେ ମତ ଦିଅନ୍ତି। ସେମାନଙ୍କ ସୂଚନା ଅନୁଯାୟୀ ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି। ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ। ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ। ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ। କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ। ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ। ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ। ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ।

ଏହା ଏ ପରି ଏକ ମାନସିକ ବ୍ୟାଧି, ଯାହାର ଚିକିତ୍ସା ସମ୍ଭବ। ଏହା ଭୋଗୁଥିବା ଶିଶୁ ସାଧାରଣତଃ ନିଜ ଭିତରେ ବିଲୀନ ରହନ୍ତି। ଆତ୍ମବିମୋହତାକୁ ଏକ ରୋଗ ନ କହି ଏକ ଦୋଷ କହିବା ଠିକ୍ ହେବ। ଗର୍ଭବସ୍ଥାରେ ମାଆ ନିଶାଯୁକ୍ତ ପାନୀୟ, କୋକେନ୍ ସେବନ କରିଥିଲେ ବା ର୍‌ୟୁବେଲା ଭୋଗିଥିଲେ, ଶିଶୁ ଅଟିଜିମ୍‌ର ଶିକାର ହୁଏ। ସଂପ୍ରତି ଅଟିଜିମ୍ ଭୋଗୁଥିବା ଶିଶୁଙ୍କ ସଂଖ୍ୟା ତିନି କୋଟିରୁ ଅଧିକ। ଭାରତର ୨ ପ୍ରତିଶତ ଲୋକ ଏବେ ମସ୍ତିଷ୍କ ବିକୃତିର ଶିକାର। ଏହାର ନିରାକରଣ କରା ନଗଲେ ଭବିଷ୍ୟତରେ ଏହି ସଂଖ୍ୟା ଦେଶ ପ୍ରତି ଜଟିଳ ସମସ୍ୟା ସୃଷ୍ଟି କରିବ। ତେଣୁ ଏବେଠାରୁ ଏଥିପ୍ରତି ସଚେତନ ହେବା ଦରକାର। ଅଟିଜମ୍ ନିରାକରଣ ପାଇଁ ନୀଳ ରଙ୍ଗକୁ ଏହାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବାରୁ ନୀଳ ରଙ୍ଗକୁ ବ୍ୟବହାର କରାଯାଇ ବିଭିନ୍ନ ସ୍ଲୋଗାନ ମାନ ଲେଖାଯାଇଥାଏ। ପ୍ରତିବର୍ଷ ଏପ୍ରିଲ ୨ ତାରିଖକୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବେ ପାଳନ କରାଯାଇ ଆସୁଛି। ତେବେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ ୬୨/୧୩୯ ଗତ ୨୦୦୭ ଡିସେମ୍ବର ୧୮ରେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ପ୍ରଥମେ କାତାର ପ୍ରତିନିଧି ଆଗତ କରିଥିଲେ ଏବଂ ଏହାକୁ ସବୁ ସଦସ୍ୟ ରାଷ୍ଟ୍ର ସମର୍ଥନ କରିଥିଲେ। ପ୍ରସ୍ତାବରେ ଚାରିଟି ମୁଖ୍ୟ ପ୍ରସଙ୍ଗ ସ୍ଥାନ ପାଇଥିଲା। ପ୍ରଥମତଃ ଏପ୍ରିଲ ୨କୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବେ ଘୋଷଣା କରିବା। ଦ୍ୱିତୀୟରେ ଜାତିସଂଘ, ସବୁ ସଦସ୍ୟ ରାଷ୍ଟ୍ର, ସ୍ୱେଚ୍ଛାସେବୀ ସଂଗଠନ, ଘରୋଇ ଓ ସର୍ବସାଧାରଣ ସଂଗଠନ ବିଶ୍ୱ ଅଟିଜିମ୍ ଦିବସ ପାଳନ କରିବା, ତୃତୀୟତଃ ସମାଜର ସବୁସ୍ତରରେ ଏହିଦିନ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବା ଜଣେ ଶିଶୁ ତିନିବର୍ଷରେ ପଦାର୍ପଣ କରିବା ପୂର୍ବରୁ ଏହି ସମସ୍ୟା ଲକ୍ଷଣ ପ୍ରକାଶ ପାଏ। ପ୍ରାପ୍ତ ବୟସରେ ପହଞ୍ଚିବା ପରେ ମଧ୍ୟ ଏହି ସମସ୍ୟାରେ ଶିକାର ହୋଇ ଅନେକ ଶିଶୁ ସାଧୀନ ଭାବେ ଜୀବନ ଧାରଣ କରିପାରନ୍ତି ନାହିଁ। ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି। ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ।

ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ। ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ। କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ। ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ। ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ। ଅଟିଜମ୍‌ର ଶିକାର ହୋଇଥିବା ପିଲାମାନଙ୍କୁ ନେଇ ସେମାନଙ୍କ ଅଭିଭାବକ ଓ ନିକଟ ସମ୍ପର୍କୀୟମାନେ ସେପରି ଭୟଭୀତ ହେବା ଉଚିତ ନୁହେଁ। ଆଜିକାଲି ସରକାର ଏ ଚିକିତ୍ସାକୁ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରି ରାଜ୍ୟର ବଡ଼ ଡାକ୍ତରଖାନା, ଶିଶୁ ଭବନ ସମେତ ଜିଲ୍ଲାସ୍ତରୀୟ ଡାକ୍ତରଖାନାର ମଧ୍ୟ ଏ ସବୁ ସୁବିଧା ବ୍ୟବସ୍ଥା ରହିଛି। ଏହାର ସୁଯୋଗ ନେବା କଥା ଏବଂ କୌଣସି ପରିସ୍ଥିତିରେ ଗୁଣୀ ଗାରେଡ଼ି ବା ଦେଶୀ ପଦ୍ଧତିର ଚିକିତ୍ସା କରନ୍ତୁ ନାହିଁ। କୌଣସି ପରିସ୍ଥିତିରେ ପିଲାମାନଙ୍କୁ ମାରଧର କରି ବା ଧମକ ଚମକ ଦେଇ ସେମାନଙ୍କୁ ସୁଧାରିବାକୁ ଚେଷ୍ଟା କରନ୍ତୁ ନାହିଁ। ପିଲାଟି ନିଶ୍ଚିନ୍ତ ଆରୋଗ୍ୟସାଧ ହେବ ଏବଂ ତା ଜୀବନର ପରିବର୍ତ୍ତନ ନିଶ୍ଚିନ୍ତ ସମ୍ଭବପର ହୋଇପାରିବ। ଆପଣ ଡାକ୍ତରଙ୍କ ଉପରେ ଭରଷା ରଖିବେ ଏବଂ ପିଲାଟିର ପିତାମାତା ସମୟ କାଢ଼ି ପିଲାଟିର ପ୍ରଥମ ବନ୍ଧୁ ଭାବେ ତା ସହିତ ସମ୍ପର୍କ ରକ୍ଷା କରନ୍ତୁ ଏବଂ ତା ପାଇଁ ଏକ ଭଲ ରୁଟିନ, ଖାଇବା ପିଇବା ଓ ବିଶ୍ରାମର ବ୍ୟବସ୍ଥା ସମ୍ପାଦିତ କଲେ ଏବଂ ପିଲାଟି ପ୍ରାଥମିକ ଅବସ୍ଥାରୁ ଚିକିତ୍ସା ପାଇପାରିଲେ ସେ ନିଶ୍ଚିନ୍ତ ଭାବରେ ଆରୋଗ୍ୟ ଲାଭ କରିବ।

*ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

# ରମଜାନର ସୌଭାଗ୍ୟଶାଳୀ ରାତି - ସବେ କଦର


ମୌଲାନା ଫଜଲ ହକ୍ ଖାନ୍

ଇସଲାମ ଧର୍ମର ୫ଟି ମୌଳିକ ନୀତି ରହିଛି । କଲମା, ନମାଜ, ରୋଜା, ଜକାତ ଏବଂ ହଜ । କଲମା ଅର୍ଥାତ୍ ଏକେଶ୍ୱର ବିଶ୍ୱାସୀ ହେବା । ନମାଜ ଅର୍ଥାତ୍ ପ୍ରଭୁଙ୍କୁ ଭକ୍ତି କରିବା । ରୋଜା ଅର୍ଥାତ୍ ପବିତ୍ର ରମଜାନ ମାସରେ ଉପବାସ କରିବା । ଜକାତ୍ ଅର୍ଥାତ୍ ବର୍ଷକୁ ଥରେ ଗଚ୍ଛିତ ଧନର ଏକ ନିର୍ଦ୍ଦିଷ୍ଟ ଅଂଶ ପ୍ରଭୁଙ୍କ ପ୍ରସନ୍ନତା ପାଇଁ ଦାନ କରିବା । ହଜ୍ ଅର୍ଥାତ୍ ତୀର୍ଥ କରିବା । ଏହି ୫ଟି ମୌଳିକ ନୀତି ମଧ୍ୟରୁ ରୋଜା ଅନ୍ୟତମ । ପବିତ୍ର ରମଜାନ ମାସରେ ପ୍ରତ୍ୟେକ ମୁସଲିମମାନେ ଉପବାସ ପାଳନ କରନ୍ତି । ପବିତ୍ର ରମଜାନ ମାସର ଇସଲାମୀୟ ଶାସ୍ତ୍ରରେ ବଡ଼ ମହତ୍ୱ ରହିଛି । ଏହା ଏକ ତପସ୍ୟା ଓ ସାଧନାର ମାସ । କର୍ମ ଦ୍ୱାରା ଫଳ ପ୍ରାପ୍ତିର ମାସ । ଭକ୍ତ ଓ ଭଗବାନଙ୍କ ମିଳନର ମାସ । କିଛି ପାଇବାର ମାସ । ବଦାନ୍ୟତାର ମାସ । କିଛି ପାଳନ କରିବାର ମାସ । ପୁନ୍ୟ ଅର୍ଜନ କରିବାର ମାସ । ସେବା ଓ ସହାୟ୍ୟର ମାସ । ଧୈର୍ଯ୍ୟ ଓ ଆତ୍ମ ସଂଯମର ମାସ । ପ୍ରଭୁକୁ ଆପଣା କରିନେବାର ମାସ । ସ୍ୱର୍ଗପ୍ରାପ୍ତିର ମାସ । କୁଭ୍ୟାସ ଦୂର କରିବାର ମାସ । ମାନବ କଲ୍ୟାଣ କରିବା ମାସ । କ୍ଷମାର୍ଚ୍ଚନାର ମାସ । ଆଧ୍ୟାତ୍ମିକ ଋତୁରାଜର ମାସ । ଏକ ସୌଭାଗ୍ୟଶାଳୀ ରାତି ପାଇବାର ମାସ । ପବିତ୍ର ରମଜାନ ଏପରି ଅନେକ ଐଶରୀୟ ଅନୁଗ୍ରହର ମାସ ହୋଇଥାଏ । ତନ୍ମଧ୍ୟରୁ ଏହି ମାସରେ ଏପରି ଏକ ସୌଭାଗ୍ୟଶାଳୀ ରାତି ଆସିଥାଏ, ଯାହା ହଜାର ରାତି ଠାରୁ ଉତ୍କୃଷ୍ଟ। ଏହି ପରିପ୍ରେକ୍ଷୀରେ ପବିତ୍ର କୋରାନ କୁହେ; "ପ୍ରକୃତରେ ଆମେ ପବିତ୍ର କୋରାନକୁ ଏକ ମହତ୍ୱପୂର୍ଣ୍ଣ ସୌଭାଗ୍ୟଶାଳୀ ରାତିରେ ଅବତୀର୍ଣ୍ଣ କରିଅଛୁ ଏବଂ (ହେ ହଜରତ ମହମ୍ମଦ ସଲ୍ଲମ) ତୁମକୁ କ'ଣ ଜଣା ଯେ ଯେଉଁ ରାତିରେ ଭାଗ୍ୟ ଅବତରଣ କରିଥାଏ ତାହା କ'ଣ? ଏହି ମହତ୍ୱପୂର୍ଣ୍ଣ ଭାଗ୍ୟଶାଳୀ ରାତି ତ ଏକ ହଜାର ମାସ ଅପେକ୍ଷା ଉତ୍କୃଷ୍ଟତର ଅଟେ। ପ୍ରତ୍ୟେକ ପ୍ରକାରର ଦେବଦୂତ ଓ (ପରିପୂର୍ଣ୍ଣ) ଆତ୍ମା ନିଜ ପାଳନ କର୍ତ୍ତାଙ୍କ ଆଦେଶ ଅନୁଯାୟୀ ଏହି ରାତିରେ ସମସ୍ତ (ସାଂସାରିକ ଓ ଆଧ୍ୟାତ୍ମିକ )କାର୍ଯ୍ୟ ସହ ଅବତରଣ କରିଥାନ୍ତି । ଦେବଦୂତମାନେ (ଅବତରଣ କଲା ପରେ) ସକାଳର ଆଗମନ ପର୍ଯ୍ୟନ୍ତ ଶାନ୍ତି ହି ଶାନ୍ତି ବର୍ଷଣ ହୋଇଥାଏ ।" ରମଜାନର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଶେଷ ୧୦ ଦିନରେ ଏପରି ଏକ ରାତି ଆସିଥାଏ, ଯାହାକୁ ସୌଭାଗ୍ୟଶାଳୀ ରାତି – ଲଇଲତୁଲ୍ କଦର୍ କୁହାଯାଏ । ସୌଭାଗ୍ୟଶାଳୀ ରାତିର ଅର୍ଥ ହେଲା ଏପରି ଏକ ରାତି ଯେଉଁ ଥିରେ ସିମୀତ ବିଷୟର ନିଷ୍ପତି କରାଯାଏ । ଏହି ସୌଭାଗ୍ୟଶାଳୀ ରାତିରେ ହିଁ ମନୁଷ୍ୟର ଭାଗ୍ୟ ନିର୍ଦ୍ଧାରଣ ହୋଇଥାଏ ଏବଂ ଏହା ନିଷ୍ପତି କରା ଯାଇଥାଏ ଯେ ଆସନ୍ତା ବର୍ଷ ତା' ସହିତ କ'ଣ ହେବ। ସେ କିପରି ଏବଂ କେତେ ଲାଭବାନ ହେବ ଓ ଉନ୍ନତି କରିବ। ତାକୁ କ'ଣ କ'ଣ ଲାଭ ହାସଲ ହେବ ଏବଂ କି ପ୍ରକାରର କ୍ଷତି ସହିବାକୁ ହେବ । ମନୁଷ୍ୟ ଉନ୍ନତିର ସମସ୍ତ ନିଷ୍ପତି ଏହି ଅନ୍ଧାର ରାତିରେ ହିଁ ହୋଇଥାଏ। ଯେପରି ମନୁଷ୍ୟର ଉନ୍ନତି ମଧ୍ୟ ବାରମ୍ବାର ଅନ୍ଧାରରେ ହୋଇଥାଏ। ମାଆ ପେଟ ଭିତର ମଧ୍ୟ ଅନେକ ଅନ୍ଧାରର ସମଷ୍ଟି ଅଟେ। ତଥା ସେଠାରେ ହିଁ ମନୁଷ୍ୟର ସାଂସାରିକ ଉନ୍ନତିର ନିଷ୍ପତି ହୋଇଥାଏ। ଏହି ସୌଭାଗ୍ୟଶାଳୀ ରାତି ସେହି ଉପଯୁକ୍ତ ବଳିଦାନର ନାମ ଅଟେ, ଯାହା ପ୍ରଭୁଙ୍କ ନିକଟରେ ଗ୍ରହଣୀୟ ହୁଏ।

ଏହି ସୌଭାଗ୍ୟଶାଳୀ ରାତି ବିଷୟରେ ଯେତେବେଳେ ହଜରତ ମହମ୍ମଦ ସଲ୍ଲମଙ୍କୁ ଜ୍ଞାନ ଦିଆଗଲା। ତେବେ ଆପଣ ଆନନ୍ଦରେ ଘର ବାହାରକୁ ଆସିଲେ କି, ଏ ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବେ ତଥା ସେମାନେ ମଧ୍ୟ ଏଥିରୁ ଉପକୃତ ହେବେ । କିନ୍ତୁ ଯେତେବେଳେ ବାହାରକୁ ଆସିଲେ, ଦେଖିଲେ ଦୁଇ ଜଣ ବ୍ୟକ୍ତି ଝଗଡା ଲାଗିଛନ୍ତି । ଆପଣ ସେମାନଙ୍କ ଝଗଡା ଏବଂ ସମସ୍ୟାର ସମାଧାନ କରିବାରେ ବ୍ୟସ୍ତ ହୋଇଗଲେ ଯଦ୍ୱାରା ସେହି ତାରିଖର ଜ୍ଞାନ ଆପଣଙ୍କ ଧ୍ୟାନରୁ ଦୂରେଇ ଗଲା । ଜଣାପଡୁଛି କି ହଜରତ ମହମ୍ମଦଙ୍କୁ ସେହି ଝଗଡା ସମାଧାନ କରିବାରେ ବହୁତ ସମୟ ଲାଗି ଗଲା । ଯେତେବେଳେ ଆପଣ ଏ ଆଡକୁ ପୁନର୍ବାର ଧ୍ୟାନ ଦେଲେ କି ମୁଁ ସୌଭାଗ୍ୟଶାଳୀ ରାତିର ତାରିଖ ବିଷୟରେ ଅବଗତ କରାଇବାକୁ ଆସିଥିଲି। ସେତେବେଳକୁ ଆପଣ ସେ ନିର୍ଦ୍ଦିଷ୍ଟ ତାରିଖ ଭୁଲି ଯାଇଥିଲେ। ବରଂ ଇତିହାସରେ ଲେଖାଅଛି କି ଆପଣଙ୍କୁ ଏ ତାରିଖ ଭୁଲାଇ ଦିଆଯାଇଥିଲା। ତେଣୁ ହଜରତ ମହମ୍ମଦ କହିଲେ କି ସେହି ଝଗଡା ଯୋଗୁଁ ବା ବିଭ୍ରାଟ ଯୋଗୁଁ ସେହି ନିର୍ଦ୍ଦିଷ୍ଟ ସମୟର ଜ୍ଞାନ ଭୁଲାଇ ଦିଆଗଲା। ସେଥି ଯୋଗୁଁ ଏବେ ତ ନିର୍ଦ୍ଦିଷ୍ଟ ତାରିଖ ମନେ ନାହିଁ କିନ୍ତୁ ତାକୁ ରମଜାନ ମାସ ଶେଷ ୧୦ ଦିନର ଅଛିଣ୍ଡା ତାରିଖରେ ଅର୍ଥାତ୍ ରମଜାନର ୨୧,୨୩,୨୫,୨୭ ଏବଂ ୨୯ ତାରିଖରେ ଅନୁସନ୍ଧାନ କର । ସୌଭାଗ୍ୟଶାଳୀ ରାତିରେ ଭିନ୍ନ ପ୍ରକାରର ପରିସ୍ଥିତି ସୃଷ୍ଟି ହୋଇ ଥିବାର ପରିଲିଖିତ ହୋଇଥାଏ । ଅନେକ ସମୟରେ ଏହି ସୌଭାଗ୍ୟଶାଳୀ ରାତିରେ ଆକସ୍ମାତ ବଜ୍ର ଘାତ ହୋଇ ପାରିଥାଏ, ଝିପିରି ଝିପିରି ବର୍ଷା ହୋଇପାରି ଥାଏ । ହୃଦୟର ଭାବନା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ବିଶେଷ ପ୍ରଫୁଲ୍ଲିତ ହୋଇଉଠି ଥାଏ । ଅଥବା ଅଲ୍ଲାଃଙ୍କ ବିଶେଷ ପ୍ରେମକୁ ହୃଦୟଙ୍ଗମ ହୋଇପାରିଥାଏ । ଏସବୁ ଲକ୍ଷଣ ବିଭିନ୍ନ ମଣିଷ ଠାରେ ଭିନ୍ନ ଭିନ୍ନ ଅବସ୍ଥାରେ ଦେଖା ଦେଇଥାଏ। ଏବଂ କିଛି ଅନୁଭୂତି ସହ ସେ ଅତିକ୍ରମ କରିଥାଏ । ତାହା ହିଁ ସେହି ମଣିଷ ପାଇଁ ସୌଭାଗ୍ୟଶାଳୀର ରାତି ହୋଇଥାଏ । ଯେଉଁ ବ୍ୟକ୍ତିକୁ ଏହି ସୌଭାଗ୍ୟଶାଳୀ ରାତି ପ୍ରାପ୍ତ ହେବ ସେ ପ୍ରଭୁଙ୍କ କରୁଣା ଏବଂ ସମୃଦ୍ଧି ପାଇବା ପାଇଁ ଏ ପ୍ରାର୍ଥନା କରିବା ଉଚିତ୍ ଯେ "ଅଲ୍ଲାହୁମ୍ମା ଇନ୍ନକା ଅଫୁଉନ୍ ତୁହିବ୍ ବୁଲ୍ ଅଫ୍ୱା ଫା'ଫୁଅନ୍ନି" ଅର୍ଥାତ୍ ହେ ଅଲ୍ଲାଃ ତୁମେ କ୍ଷତାଦାତା ଏବଂ କ୍ଷମାଦେବାକୁ ବହୁତ ଭଲ ପାଅ । ତେଣୁ ମୋତେ ବି କ୍ଷମା କରି ଦିଅ । ଏହି ରାତିରେ ପ୍ରଭୁ ତାର ଭକ୍ତ ନିକଟକୁ ଚାଲି ଆସିଥାଏ । ଭକ୍ତର ଭକ୍ତିକୁ ନିକଟରୁ ଦେଖି ପ୍ରସନ୍ନ ହୋଇଥାଏ । ଏବଂ କହିଥାଏ, କ'ଣ ମାଗୁଛୁ ମାଗ । ଆଜି ମୁଁ ସ୍ୱୟଂ ତୋର ପ୍ରତିଫଳ ସ୍ୱରୂପ । ପ୍ରକୃତରେ ଯାହାକୁ ପ୍ରଭୁ ମିଳିଯାଏ, ତାକୁ ଆଉ କ'ଣ ବା ଏ ସଂସାରରେ ଦରକାର ।

ସୌଭାଗ୍ୟଶାଳୀ ରାତି ପ୍ରଭୁଙ୍କ ସାନିଧ୍ୟ ହାସଲ କରିବା ଫଳରେ ସାଧିତ ହୋଇଥାଏ। ଏହା ନିଷ୍କଳଙ୍କ ହୋଇ ଅଲ୍ଲାଃଙ୍କ ସାନ୍ନିଧ୍ୟ ହାସଲ କରିବା ପାଇଁ ହୋଇଥାଏ। କେବଳ ସାଂସାରିକ ଉଦ୍ଦେଶ୍ୟ ଦ୍ୱାରା ସୌଭାଗ୍ୟଶାଳୀ ରାତି ମିଳି ପାରିନଥାଏ ବରଂ ନିଷ୍ପାପ ହୋଇ ପ୍ରାର୍ଥନା କରିବା ଉଚିତ୍ । ଯଦ୍ୱାରା ସାଂସାରିକ ଉଦ୍ଦେଶ୍ୟ ବି ପୂରଣ ହୋଇଥାଏ । ଏହି ସୌଭାଗ୍ୟଶାଳୀ ରାତିକୁ ନିର୍ଦ୍ଦିଷ୍ଟ ତାରିଖ ଦ୍ୱାରା ଧାର୍ଯ୍ୟ କରା ନଯିବାରେ ଏହା ମଧ୍ୟ ରହସ୍ୟ ରହିଛି ଯେ କଳହ, ଅଶାନ୍ତି, ଅରାଜକତା, ଦ୍ୱେଷ ମନଭାବ ଦ୍ୱାରା ସେହି ସୌଭାଗ୍ୟାଶାଳୀ ରାତି ପ୍ରାପ୍ତ ହୋଇପାରିନ ଥାଏ, ବରଂ ଶାନ୍ତି, ସହିଷ୍ଣୁତା, ସାଧୁତା ତଥା ଏକତା ଓ ଅଖଣ୍ଡତା ଏବଂ ଭାଇଚାରା ସ୍ଥାପିତ ଦ୍ୱାରା ହିଁ ସେହି ସୌଭାଗ୍ୟଶାଳୀ ରାତି ମିଳିପାରିଥାଏ । ଯାହା ହଜାର ରାତି ଠାରୁ ଉତ୍କୃଷ୍ଟ । ରମଜାନ ଆମକୁ ଏହି ଶିକ୍ଷା ଦେବାକୁ ଆସିଥାଏ । ଯେଉଁ ବ୍ୟକ୍ତି ଏହି ସୌଭାଗ୍ୟଶାଳୀ ରାତିକୁ ପାଇ ପାରିଥାଏ, ନିଶ୍ଚିତରେ ତା'ର ସବୁ ପ୍ରାର୍ଥନ ଗ୍ରହଣୀୟ ହୋଇଥାଏ । ପ୍ରଭୁଙ୍କ ପ୍ରେମରେ ମଜ୍ଜି ଯାଇଥାଏ । କୁକର୍ମରୁ ଦୂରେଇ ଯାଇଥାଏ । ଭକ୍ତିରେ ବିଭୋଳିତ ହୋଇ ଉଠିଥାଏ । ଏହି ସବୁ ପୁନ୍ୟ କରିବାର ଅଭ୍ୟାସ ତାକୁ ପକାଇ ଦେଇଥାଏ । ଏହି ପରିବର୍ତ୍ତନ ହିଁ ସେହି ସୌଭାଗ୍ୟଶାଳୀ ରାତିକୁ ପାଇବାର ସାର ହୋଇଥାଏ । ଇସଲାମର ପ୍ରବର୍ତ୍ତକ ହଜରତ ମୁହମ୍ମଦ ସଲ୍ଲମ କହିଛନ୍ତି; ହତଭାଗା ସେହି ବ୍ୟକ୍ତି ଯାହାକୁ ଜୀବନରେ ବୃଦ୍ଧ ବାପ-ମାଆ ମିଳିଥାଏ, କିନ୍ତୁ ସେ ତାଙ୍କର ସେବା ଓ ସତ୍କାର କରି ମୋକ୍ଷ ପାପ୍ତି କରି ପାରି ନଥାଏ । ଏବଂ ହତଭାଗା ସେହି ବ୍ୟକ୍ତି ଯାହାର ଜୀବନରେ ପବିତ୍ର ରମଜାନ ଆସିଥାଏ ଅଥଚ ସେ ତା'ର ପ୍ରଭୁଙ୍କ ଠାରୁ ତା'ର ପାପ କ୍ଷମା କରାଇ ପାରି ନଥାଏ। ପ୍ରଭୁ ଆମକୁ ପବିତ୍ର ରମଜାନର ପ୍ରକୃତ ଅର୍ଥକୁ ବୁଝି ତଦନୁଯାୟୀ ନିଜ ଜୀବନ ଅତିବାହିତ କରିବାକୁ ଶକ୍ତି ଓ ସାମର୍ଥ ପ୍ରଦାନ କରନ୍ତୁ । ଏହା ହିଁ ଆମର କାମନା ।



ମଙ୍ଗଳାବାଗ-କଟକ
ଯୋଗାଯୋଗ:୯୬୯୨୨୨୫୦୫୭

# ମୂଲ୍ୟବୋଧ ଚେତନାର ଜନନେତା : ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳୀ


ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଶାର ଅଦ୍ୱିତୀୟ ଜନନେତା ଓ ମୂଲ୍ୟବୋଧ ନୀତିନିଷ୍ଠ ଚେତନାର ମହାନ ବ୍ୟକ୍ତିତ୍ୱ ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନ ହେଉଛନ୍ତି ଓଡ଼ିଶା ବିଜେପିର ଅଭ୍ୟୁଦୟରେ ବଳିଷ୍ଠ ଅବଦାନ ରଖିଥିବା ଜଣେ ପ୍ରମୁଖ ବ୍ୟକ୍ତିତ୍ୱ। ଡାକ୍ତରୀ ପେଷା ଛାଡ଼ି ଅଶି ଦଶକରେ ବିଜେପି ମଣ୍ଡଳ ସଭାପତି ଭାବେ ସେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ସେ ଭୂପୃଷ୍ଠ ପରିବହନ ଓ କୃଷି ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୧୯୪୧ ମସିହା ସେ ସମୟର ଢ଼େଙ୍କାନାଳ ଜିଲ୍ଲା (ବର୍ତ୍ତମାନର ଅନୁଗୁଳ)ର କଣିହାଁ ବ୍ଲକ ଅନ୍ତର୍ଗତ ନାଲମ ଗାଁରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୬୬ରେ ଏସସିବିରୁ ଏମବିବିଏସ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଏସସିବିରେ ବର୍ଷେ ହାଉସ ସର୍ଜନ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ତାଳଚେରର ଡେରାରେ ଆସିଷ୍ଟାଣ୍ଟ ମେଡ଼ିକାଲ ଅଫିସର ଭାବେ ଯୋଗ ଦେଇଥିଲେ। ୧୯୭୩ରେ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ ଏବଂ ୧୯୮୦ରେ ବିଜେପିରେ ଯୋଗ ଦେଇ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୦ରୁ ୧୯୮୩ ପର୍ଯ୍ୟନ୍ତ ପ୍ରଥମେ ତାଳଚେର ମଣ୍ଡଳ ସଭାପତି, ୧୯୮୩-୮୫ ପର୍ଯ୍ୟନ୍ତ ଢ଼େଙ୍କାନାଳ ଜିଲ୍ଲା ସଭାପତି ହୋଇଥିଲେ। ସେ ୧୯୮୮-୯୦, ୧୯୯୦-୯୩, ୧୯୯୫-୯୭ ପର୍ଯ୍ୟନ୍ତ ତିନିଥର ବିଜେପିର ରାଜ୍ୟ ସଭାପତି ହୋଇଥିଲେ। ୧୯୮୪, ୧୯୯୬ରେ ସେ ଦେବଗଡ଼ରୁ ସାଂସଦ ପ୍ରାର୍ଥୀ, ୨୦୦୪ରେ ପାଲଲହଡ଼ାରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ ମଧ୍ୟ ହାରି ଯାଇଥିଲେ। ୧୯୯୮ରେ ସେ ଦେବଗଡ଼ରୁ ସାଂସଦ ଭାବେ ବିଜୟ ଲାଭ କରିବା ପରେ ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ଏବଂ ୧୯୯୯ରେ ପୁଣି ଦେବଗଡ଼ରୁ ସାଂସଦ ହେବା ସହ କେନ୍ଦ୍ରରେ ଭୂପୃଷ୍ଠ ପରିବହନ ଏବଂ କୃଷି ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୨୦୦୧ରେ ସେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମଧ୍ୟ ହୋଇଥିଲେ।

ଆଜି ଓଡ଼ିଶାରେ ବିଜେପିର ବିଜୟ ଯାତ୍ରାରେ ତାଙ୍କ ଅବଦାନ ଅବିସ୍ମରଣୀୟ। ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଭୂପୃଷ୍ଠ ପରିବହନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱରେ ଥିଲାବେଳେ ଓଡ଼ିଶାରେ ସେ ସମୟରେ ଜାତୀୟ ରାଜପଥ ମାତ୍ର ୧୬୦୦ କିଲୋମିଟର ପର୍ଯ୍ୟନ୍ତ ଥିଲା। ଦେବେନ୍ଦ୍ର ବାବୁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ଏହାକୁ ୩୨୦୦ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଥିଲେ। ତାଙ୍କରି ମନ୍ତ୍ରୀତ୍ୱ ସମୟରେ ହିଁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱର୍ଣ୍ଣ ଚର୍ତୁଭୁଜ ଯୋଜନା ଭାରତରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଓଡ଼ିଶା ଏଥିରେ ବେଶ ଲାଭବାନ ହୋଇଥିଲା। ଆଜି ଓଡ଼ିଶାରେ ଦ୍ରୁତ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ଯେଉଁ ବ୍ୟାପକ ପୁଞ୍ଜିନିବେଶ ଆସି ପାରୁଛି ଏହାର ପ୍ରମୁଖ ଶ୍ରେୟ ଡାକ୍ତର ଦେବେନ୍ଦ୍ର ବାବୁଙ୍କୁ ଦିଆଯିବ।

ଓଡ଼ିଶାରେ ବିଜେପିର ସଙ୍ଗଠନକୁ ସେ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ କର୍ମୀଙ୍କ ସହ ସେ ନିଜକୁ ଏପରି ଯୋଡ଼ିଥିଲେ ଯେ ତାଙ୍କର ଏହି ସାଙ୍ଗଠନିକ କର୍ମକୁଶଳ ଦକ୍ଷତା ପାଇଁ କେନ୍ଦ୍ର ବିଜେପି ତାଙ୍କୁ ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ଭୂମିକା ଦେଇଛି। ତାଙ୍କ ସାଙ୍ଗଠନିକ ଦକ୍ଷତା, ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାର ଆପ୍ରାଣ ଉଦ୍ୟମ କାରଣରୁ ଆଜି ରାଜ୍ୟରେ ଭାଜପା କ୍ଷମତାକୁ ଆସିଛି ଏଥିରେ କେହି ଦ୍ୱିମତ ହେବେନାହିଁ। ଏହିଭଳି ଜଣେ ଅମାୟିକ, ଭଦ୍ର ଓ ସର୍ବଦା ହର୍ଷୋତ୍‌ଫୁଲ୍ଲିତ ବ୍ୟକ୍ତିଙ୍କୁ ଓଡ଼ିଶା ହରାଇବା ନିଶ୍ଚିନ୍ତ ଭାବେ ଏକ ବଡ଼ କ୍ଷତି। ଏହି ଶୂନ୍ୟସ୍ଥାନ କେବେ ବି ପୂରଣ ହୋଇପାରିବ ନାହିଁ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ – 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ। ଗଲାବେଳେ କିଛି ନିଏ ନାହିଁ। କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ। ନିଜର ଇଚ୍ଛାର ବ୍ୟାପାର ବି ନୁହେଁ। କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ। ଏଥିରେ ରହିଛି ଐଶ୍ୱରୀୟ ଇଚ୍ଛା ଓ ନିଜର ସାଧନା। ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର। ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର। ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଞ୍ଚିରହେ ସେହି କର୍ମରେ। ତେଣୁ କୁହାଯାଏ କର୍ମ ହିଁ ଭଗବାନ।

ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି। ଏ କଥା ନୂଆ ନୁହେଁ। ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ। ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ। ସେହିପରି ଉଦାହରଣ ସ୍ତରରେ ପହଞ୍ଚିଥିବା ବ୍ୟକ୍ତି ସେଥିଲେ। ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସେ ଜଣେ ବଡ଼ ଶୁଭେଚ୍ଛୁ ଓ ମାର୍ଗଦର୍ଶକ ଥିଲେ। ସେ ଜଣେ ଦେବୋପମ ମହାନ ବ୍ୟକ୍ତିତ୍ୱ ଥିଲେ। ମୋର ସ୍ମୃତି ଭିତରେ ମନେପଡୁଛି ତାଙ୍କରି ସାହାଯ୍ୟ ଓ ପରାମର୍ଶ କ୍ରମେ ଏକଦା ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ମେନକା ଗାନ୍ଧୀଙ୍କୁ ସାକ୍ଷାତ କରିଥିଲି। ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ଅନେକଥର ତାଙ୍କ ଠାରୁ ମୂଲ୍ୟବାନ ପରାମର୍ଶ ମଧ୍ୟ ପାଇଛି। ସେବା ଓ ସଂକଳ୍ପ ମନୋଭାବ ସହ ରାଜ୍ୟର ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ବିରଳ ବ୍ୟକ୍ତିତ୍ୱଙ୍କ ପରଲୋକରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ବାସ୍ତବିକ ଦେବେନ୍ଦ୍ର ବାବୁଙ୍କ ପରଲୋକ ସହ ଏକ ଯୁଗାବସାନ ହୋଇଛି। ତାଙ୍କ ତ୍ୟାଗ, ସମର୍ପଣ, ଆଦର୍ଶ, ଦଳ ଓ ରାଜ୍ୟ ପାଇଁ ନିଃସ୍ୱାର୍ଥପର ନିଷ୍ଠା ଓ ସେବାର ଜୀବନାଦର୍ଶ ନୂଆ ପିଢ଼ିର ଯୁବ ନେତା ମାନଙ୍କୁ ନୂଆ ମାର୍ଗ ଦେଖାଉ ଏହା ହିଁ କାମନା।

*ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*




# ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ



ବାରିପଦା,(ପି.ଏନ): ବାରିପଦାସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭବନର ସଭାଗୃହରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଆବାହକ ବିରବଲ୍ ସିଂଙ୍କ ଆବାହକତ୍ୱରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକ ପ୍ରାରମ୍ଭରେ ଓଡ଼ିଶା ସରକାରଙ୍କୁ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ପ୍ରସଂଶା କରାଯାଇଛି ।୩୧ ଡିସେମ୍ବର ୨୦୨୪ (ମଙ୍ଗଳବାର) ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ସରକାରଙ୍କ ନବଗଠିତ ଜନଜାତି ଉପଦେଷ୍ଟା ପରିଷଦ (ଟି ଏ ସି) ର ପ୍ରଥମ ବୈଠକରେ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ ପ୍ରସ୍ତାବ ଗୃହୀତ ହୋଇଥିବାରୁ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ଓଡ଼ିଶା ସରକାରଙ୍କୁ ଅଶେଷ ଧନ୍ୟବାଦ ।ମୁଣ୍ଡାରୀ ଭାଷାକୁ ଯଥାଶୀଘ୍ର ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରାଗଲେ ଭାରତର ସମସ୍ତ ମୁଣ୍ଡାରୀ ଭାଷାଭାଷୀ ଲୋକ ଚିରୋପକୃତ ହେବେ ।୨୦୨୩ ଜୁଲାଇ ୧୧ ତାରିଖ ଦିନ ଅନୁଷ୍ଠିତ ଜନଜାତି ଉପଦେଷ୍ଟା ପରିଷଦ (ଟି ଏ ସି) ବୈଠକରେ ହୋ, କୁଇ ଏବଂ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ଦେବା ନିମନ୍ତେ ସୁପାରିଶ କରାଯାଇଥିଲା ।କିନ୍ତୁ ମୁଣ୍ଡାରୀ ଭାଷାକୁ ସୁପାରିଶ କରାଯାଇ ନଥିଲା ।ଫଳରେ ମୁଣ୍ଡାରୀ ଭାଷାଭାଷୀ ଲୋକମାନେ ଅସନ୍ତୋଷ ପ୍ରକାଶ କରି ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଗଠିତ ହେଲା, 'ମୁଣ୍ଡାରୀ ଭାଷା ସମନ୍ୱୟ କମିଟି' (ଏମ ଏଲ ସିସି) ।ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ତୃଣମୂଳ ସ୍ତରରେ ମୁଣ୍ଡାରୀ ଭାଷା ଆନ୍ଦୋଳନର ସଚେତନତା ବୈଠକ ଆୟୋଜନ କରାଯାଇଥିଲା ।ମୁଣ୍ଡାରୀ ଭାଷାଭାଷୀ ଅଧୁଷିତ ଗ୍ରାମରେ ମୁଣ୍ଡାରୀ ରବିବାର ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ୬ ରୁ ୧୪ ବର୍ଷ ବୟସର ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ମୁଣ୍ଡାରୀ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଛି ।୨୦୨୩ ନଭେମ୍ବର ୧୫ ତାରିଖ ବାରିପଦାରେ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା । ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ଦେବା ନିମନ୍ତେ ନୂଆ ସରକାରର ବିଧାୟକ, ମନ୍ତ୍ରୀ, ସାଂସଦ ମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।ଏସବୁର ଫଳ ସ୍ୱରୂପ ନୂତନ ସରକାରର ଜନଜାତି ଉପଦେଷ୍ଟା ପରିଷଦ (ଟି ଏ ସି) ବୈଠକରେ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପ୍ରସ୍ତାବ ଗୃହୀତ ହୋଇଛି । ଗତ ୩୧/୧୨/୨୦୨୪ ରିଖ ଦୈନିକ ପ୍ରଗତିବାଦୀରେ ପ୍ରକାଶିତ ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ରଙ୍କ 'ଆଦିବାସୀ ଭାଷା ଲାଗି ଓଡିଆ ଅକ୍ଷର' ଶୀର୍ଷକ ଲେଖା ଉପରେ ତର୍ଜମା କରାଯାଇଥିଲା ଏବଂ ଏଭଳି ବିବାଦୀୟ ମନ୍ତବ୍ୟ ପାଇଁ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ନିନ୍ଦା କରାଯାଇଛି । ଏଥିପାଇଁ ତାଙ୍କର ବିବାଦୀୟ ଆଲେଖ୍ୟ ପାଇଁ କମିଟି ତରଫରୁ ତାଙ୍କ ନାମରେ ଏତଲା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ଜିଲ୍ଲା ସମ୍ପାଦକ ବୁଧିଆ ସିଂ, ପର୍ଯ୍ୟବେକ୍ଷକ ଶଶିଧର ସିଂ, ଅଜିତ କୁମାର ସିଂ, ବେତନଟୀ ବ୍ଲକ ଆବାହକ ତପନ ସିଂ, ବଡ଼ସାହି ବ୍ଲକ ସମ୍ପାଦିକା ଶାନ୍ତିଲତା ସିଂ ଏବଂ କମିଟିର ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ ।

# ଅଭାବୀଙ୍କୁ ଶୀତବସ୍ତ୍ର ବଣ୍ଟନ କଲା ଭରସା ପରିବାର



କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କୁଡିପଶା ଗ୍ରାମପଞ୍ଚାୟତ ଦୁଆରଶୁଣି ଗ୍ରାମର ବୃଦ୍ଧବୃଦ୍ଧାଙ୍କୁ ୫୦ ଖଣ୍ଡ କମ୍ବଳ ବଣ୍ଟନ କଲେ ଭରସା ପରିବାରର ପ୍ରମୁଖ କର୍ମକର୍ତ୍ତା। ଅସହାୟ ଓ ଅଭାବୀଙ୍କ ପାଇଁ ସବୁବେଳେ ଛିଡା ହେଉଥିବା ପ୍ରମୁଖ ସମାଜସେବୀ ସଂଗଠନ ଭରସା ପରିବାରର ପ୍ରତିଷ୍ଠାତା ତଥା ସଭାପତି ଲମ୍ବୋଦର ମହାନ୍ତଙ୍କ ଆହ୍ୱାନକ୍ରମେ ଜିଲ୍ଲା ସଂଯୋଜକ ଶୁନ୍ୟରଞ୍ଜନ ଘଣା, ଉପଦେଷ୍ଟା ହୃଦାନନ୍ଦ ସେଠୀ, ମନରଞ୍ଜନ ସାହୁ, ଶିବଶଙ୍କର ବାନାର୍ଜୀ ଓ ସୁକୁନା ଜୁଆଙ୍ଗ ପ୍ରମୁଖ ସମାଜରୁ ମୁଖ୍ୟ ସ୍ରୋତରୁ ନିମ୍ନରେ ଥିବା ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ବିଧବା ଅସହାୟ ମହିଳା ତଥା ଅନ୍ୟ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କଲେ ଭରସା ପରିବାରର ପ୍ରମୁଖ କର୍ମକର୍ତ୍ତା। ଏପରି ମହତ୍ କାମ ଏବଂ କେନ୍ଦୁଝରରେ ହେଉଥିବା ହାଡଭଙ୍ଗା ଥଣ୍ଡା ଥିବା ଦେଖି ଅଗ୍ରଣୀ ଭାରସ ପରିବାର ସବୁ ବେଳେ ଦୁଃଖୀ ରଙ୍କି ଲୋକଙ୍କୁ ସହାୟତା ର ହାତ ବଢ଼ାଇଥାଏ, ଯାହାକି ଆଜି ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି ଯେ ମାନବ ସେବା ହିଁ ମାଧବ ସେବା ର ଉଦାହରଣ କରି ଚାଲିଛି ଭାରସା ପରିବାର, ଏହି ପରିପେକ୍ଷୀରେ ସମସ୍ତଙ୍କ ମୁହଁରେ ପ୍ରଶଂସାର ସୁଅ ଛୁଟିଛି ଭାରସା ପରିବାରକୁ ।

# ବେତନଟୀ ଅବକାରୀ ବିଭାଗ ପକ୍ଷରୁ ଚଢାଉ, ତିନିଜଣ ଗିରଫ ସହିତ ବିପୁଳ ମହୁଲ ପୋଚ ନଷ୍ଟ



ବେତନଟୀ,(ପି.ଏନ): ବେତନଟୀ ଅବକାରୀ ଥାନା ପକ୍ଷରୁ ଦହିକୋଟୀ ଏବଂ ସାରିଆ ରାମଚନ୍ଦ୍ରପୁର ସମେତ ମୁକ୍ତାପୁର ପଞ୍ଚାୟତର ନୂଆଗାଁ ଗ୍ରାମରେ ଚଢାଉକରି ଚୋରା ଦେଶିମଦ ଓ ମହୁଲପୋଚ ଜବତକରି ନଷ୍ଟ କରିବା ଘଟଣାରେ ତିନିଜଣଙ୍କୁ ଗିରଫକରି ଶନିବାର ଅପରାହ୍ନ ପାଞ୍ଚଟାରେ କୋର୍ଟଚାଲାଣ କଲା ଅବକାରୀ ବିଭାଗ କ୍ଷ ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ଦହିକଟି ଗ୍ରାମର ଫକ ପାତ୍ରର ପୁଅ ବାବୁଲା ପାତ୍ର ନିକଟରୁ ୧୩ଲିଟର ଦେଶିମଦ, ସାରିଆ -ରାମଚନ୍ଦ୍ରପୁର ଗ୍ରାମର ଦୁର୍ଗା ହେମ୍ବ୍ରମର ପୁଅ ସୁଶାନ୍ତ ହେମ୍ବ୍ରମ ନିକଟରୁ ୧୫ଲିଟର ଚୋରା ଦେଶିମଦ ଏବଂ ମୁକ୍ତାପୁର ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମର ସ୍ୱର୍ଗତ ସୁନା ମାଝୀର ପୁଅ ବାହାଦୁର ମାଝୀ ନିକଟରୁ ୬୦କେଜିରୁ ଉର୍ଦ୍ଧ୍ୱ ମହୁଲପୋଚ ଏବଂ ଚୋରା ଚାଲାଣ ନିମନ୍ତେ ପ୍ରସ୍ତୁତହୋଇ ରହିଥିବା ୧୦ଲିଟର ରନ୍ଧା ମହୁଲିମଦ ଜବତ କରାଯାଇଥିଲା କ୍ଷ ଏହିଭଳି ତିନି ଅଭିଯୁକ୍ତଙ୍କ ନିକଟରୁ ମୋଟ ୩୮ଲିଟର ଚୋରା ଦେଶିମଦ ସମେତ ୬୦କେଜିରୁ ଉର୍ଦ୍ଧ୍ୱ ମହୁଲପୋଚ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଜବତକରି ନଷ୍ଟ କରାଯାଇଥିଲା ।

## ଦାନ୍ତିଆମୁହାଁ ନୂଆସାହି ଗ୍ରାମରେ ଜୈନିକ ବ୍ୟକ୍ତିଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର

ବେତନଟୀ(ପି.ଏନ): ବେତନଟୀ ଥାନା ବଡ଼ ଜାମବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ଉପକଣ୍ଠ ନୁଆସାହି ଗ୍ରାମର ଗୁହାଳଘରେ ଜନୈକ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ରବିବାର ସକାଳ ୭ଟା ସମୟରେ ଜବତକରି ତଦନ୍ତ ଆରମ୍ଭ କରିଛି ପୁଲିସ ।ମୃତକ ଜଣକ ହେଉଛନ୍ତି ନୁଆସାହି ଗ୍ରାମର ନରେନ୍ଦ୍ର ସିଂର ପୁଅ ବିଜୟ ସିଂ କ୍ଷବିଜୟ ଶନିବାର ରାତି ସାଢେ ଏଗାରଟା ପାଖାପାଖି ପର୍ଯ୍ୟନ୍ତ



ଘରେ ଶୋଇଥିବାର ପରିବାର ଲୋକେ ପୁଲିସକୁ ସୂଚନା ଦେଇଛନ୍ତି ।ତେବେ ରବିବାର ସକାଳେ ଗ୍ରାମର ମକୁରୁ ମହାନ୍ତଙ୍କ ଘର ଗୁହାଳରେ ବିଜୟଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା ।ଏନେଇ ମକୁରୁଙ୍କ ଘରଲୋକ ଗ୍ରାମବାସୀ ଓ ପୁଲିସକୁ ଖବର ଦେଇଥିଲେ ।ଖବର ପାଇ ବଡଜାମବଣି ଫାଣ୍ଡି ଅଧିକାରୀ ଏ ଏସ ଆଇ ଅଶେଷ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ମାମଲା ରୁଜୁକରି ମୃତଦେହ ଜବତ କରିଛନ୍ତି ।ପାରିପାର୍ଶ୍ୱିକ ସ୍ଥିତିରୁ ବିଜୟ ଆତ୍ମହତ୍ୟା କରିଥିବା ନେଇ ଅନୁମାନ କରାଯାଉଥିବା ବେଳେ ଶ୍ୱ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ ।ମୃତକ ବିଜୟ ସିଂ ଦିନମଜୁରିଆ ଶ୍ରେଣୀର ହୋଇଥିବା ବେଳେ ତାଙ୍କର ସ୍ତ୍ରୀ ଓ ଦୁଇ ପୁଅଝିଅ ଅଛନ୍ତି ।

# ମେଡିକାଲ୍ କଲେଜ୍ ପ୍ରସଙ୍ଗ ଚାଲିବା ଓ ଶିକ୍ଷାଦାନ ନହେଲେ

## ଆନ୍ଦୋଳନର ଚେତାବନୀ : କ୍ରିୟାନୁଷ୍ଠାନ କମିଟି



ତାଲଚେର, : ତାଲଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ବୈଠକ ତାଲଚେର ପ୍ରେସ୍ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କମିଟିର ଆବାହକ ପଦ୍ମ ଚରଣ ସାମଲ ସଭାପତିତ୍ୱ କରିଥିଲେ ଏବଂ ଉପସ୍ଥିତ ସଦସ୍ୟ ମାନେ ତାଲଚେର ମେଡିକାଲ୍ କଲେଜ୍ ର ଶିକ୍ଷାଦାନ ଅନୁଗୋଳ ଠାରେ ହେବାକୁ ଥିବା ପ୍ରସ୍ତାବକୁ ଘୋର ନିନ୍ଦା କରିବା ସହିତ ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରଦୂଷଣ ଯୋଗୁଁ ତାଲଚେର ଜନ ସାଧାରଣ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଥିବା ବେଳେ ପାଂଚ ଶହ କୋଟିର କୋଠାକୁ ଡାକ୍ତରଖାନା ପରିବର୍ତ୍ତେ ପାଇଖାନା ରେ ପରିଣତ କରିବାକୁ ଯାଉଛନ୍ତି ସରକାର । ପୂର୍ବରୁ କ୍ରିୟାନୁଷ୍ଠାନ କମିଟି ଅନେକବାର ମେଡିକାଲ୍ କଲେଜ୍ କାର୍ଯ୍ୟକ୍ଷମ କରିବାକୁ ଆନ୍ଦୋଳନ କରି କାରାବରଣ କରିଥିଲେ । ଯାଫଳରେ ପୂର୍ବ ସରକାର ଘରୋଇ ହାଇଟେକ୍ କୁ ଚାଲୁ କରିବା ନିଷ୍ପତିକୁ ବାତିଲ୍ କରିବାକୁ ବାଧ ହୋଇଥିଲେ । ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର କେବଳ ପବିତ୍ର ମୋହନ ସରକାରୀ ମେଡିକାଲ୍ କଲେଜ୍ ନାମ ଫଳକ ରଖି ଅନୁଗୋଳ ରେ ଶିକ୍ଷାଦାନ କରିବା ପ୍ରସ୍ତାବକୁ ଯଦି କାର୍ଯ୍ୟ କରନ୍ତି ତାହେଲେ ଦୁର୍ବାର ଗଣ ଆନ୍ଦୋଳନ ହେବ ବୋଲି ମତ ପ୍ରକାଶ ପାଇଛି । ପୁନର୍ବାର ଆସନ୍ତା ତା୧୦/୦୧/୨୦୨୫ ରିଖ ଶୁକ୍ରବାର ଦିନ ତାଲଚେର ପ୍ରେସ୍ କ୍ଲବ ଠାରେ ସକାଳ ୧୧ଟା ବେଳେ ବୈଠକ ଅନୁଷ୍ଠିତ ହେବ ଓ ଏହି ବୈଠକରେ ତାଲଚେରର ଶୁଭ ବୁଦ୍ଧି ସମ୍ପର୍ଣ୍ଣ ଜନସାଧାରଣ ଦଳମତ ନିର୍ବିଶେଷରେ ଯୋଗ ଦେବା ପାଇଁ ଆହ୍ୱାନ କରାଯାଇଛି । ଏହି ବୈଠକରେ ପରବର୍ତି କାର୍ଯ୍ୟ ପନ୍ଥା ଗ୍ରହଣ କରିବା ପାଇଁ ସ୍ଥିର କରାଯାଇଛି । ଆଜିର ଏହି ବୈଠକରେ କେଶବ ଭୂତିଆ, ଭୁପେନ୍ ଅମ୍ବ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ସୁକାନ୍ତ କୁମାର ଦାସ, ଗଗନ ବିହାରୀ ଦାସ, ପ୍ରେମାନନ୍ଦ ମହାନ୍ତି, ପରମାନନ୍ଦ ସାହୁ, ବିନୋଦ ଲାଲ୍ ?, ଅଭୟ କୁମାର ପାଣି, ଶୋଭାଗିନୀ ଦାସ, ଦୁର୍ଗା ଚରଣ ସାହୁ, ସଂଜିବ୍ ନାଏକ, ବିଜୟ କୁମାର ମିଶ୍ର, ଉଛନ୍ନ ପଟ୍ଟନାୟକ, ରାଜ କିଶୋର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୭ମ ନାଲକୋ ପ୍ରିମିୟର୍ ଲିଗ୍ ଉଦଯାପିତ



ନାଲକୋ ନଗର: ଅନୁଗୋଳ ଜିଲ୍ଲା ନାଲକୋ ଷ୍ଟାଡିୟମ୍ ପରିସରରେ ଆଜି ୭ମ ନାଲକୋ ପ୍ରିମିୟର୍ ଲିଗ୍ ଉଦଯାପିତ ହୋଇଯାଇଛି ।ଏହି ଟୁର୍ନାମେଣ୍ଟ ରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଲକୋ ର ସମସ୍ତ ୟୁନିୟନ ର ସଦସ୍ୟ ଯୋଗଦାନ କରିଥିଲେ। ଏହି ଟୁର୍ନାମେଣ୍ଟ ଟି ଡିସେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ବେଳ ୪ଟି ଦଳ ଭାଗ ନେଇ ଉଭୟ ଉଭୟଙ୍କ ମଧ୍ୟରେ ତିନୋଟି କରି ଲିଗ୍ ମ୍ୟାଚ ଖେଳି ଆଜି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନାଲକୋ ସ୍ମେଲ୍ଟର କାରଖାନାର କାଷ୍ଟ ହାଉସ, କାର୍ବୋନ ବିଭାଗ, ସିପିପି ଓ୍ୱାରିୟର୍ସ. ଓ ସିପିପି ଅପରେସନ ବିଭାଗ ର ୪ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଟି ବଡ ରୋମାଞ୍ଚକ ପରିସ୍ଥିତି ସୃଷ୍ଟି ହୋଇ ଶେଷରେ କାର୍ବନ୍ ବିଭାଗ ବିଜେତା ହୋଇଥିଲା। ଅପରେସନ ବିଭାଗ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ ହରାଇ ୧୨୨ ରନ୍ ଲକ୍ଷ୍ୟ ରଖିଥିଲା କାର୍ବୋନ ବିଭାଗ ୯ ୱିକେଟ ୨୦ ଓଭର ର ଶେଷ ବଲରେ ଚାମ୍ପିୟନ ହୋଇଥିଲା। ହିମାଂଶୁ ରଞ୍ଜନ ଧିରଙ୍କୁ ମ୍ୟାନ ଅଫ ଦି ସିରିଜ୍ ବିଜେତା ଘୋଷିତ ହୋଇଥିଲେ।

# ଟୀକାକରଣ ପାଇଁ ବୁଲିଲା ସଚେତନତା ରଥ



କେନ୍ଦୁଝର,(ପି.ଏନ): ଅନୁଧାନ ନ୍ୟୁଜ ତା୫/୧ – ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଓସ୍କା' ଦ୍ୱାରା ପରିଚାଳିତ ହେଇଫେର ପ୍ରକଳ୍ପ ଆନୁକୁଲ୍ୟରେ ଦେଶୀ କୁକୁଡ଼ା ଓ ଛେଳିଙ୍କର ଟୀକା କାରଣ ଓ କୃମି ନାଶକ ସମ୍ପର୍କିତ ସଚେତନତା ରଥ କେନ୍ଦୁଝରର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥଙ୍କ ଦ୍ୱାରା ଗତକାଲି ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ତାଙ୍କ ସହ ଅତିରିକ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାମଚନ୍ଦ୍ର ମହାନ୍ତି , ଏଡବ୍ଲୁ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ମୁଣ୍ଡା ଏବଂ ଅନ୍ୟ ଅତିଥିମାନେ ଯୋଗ ଦେଇ ଛେଳି ଓ ଦେଶୀ କୁକୁଡ଼ା ଚାଷୀମାନଙ୍କୁ ସଠିକ ସମୟରେ ଟିକାକରଣ ମାଧମରେ ପ୍ରାଣୀ ସମ୍ପଦର କିପରି ବିକାଶ କରାଯାଇ ପାରିବ ସେ ବିଷୟରେ ଛେଳି ଓ ଦେଶୀ କୁକୁଡ଼ା ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ରଥ ଓସ୍କା ହେଇଫେର ପ୍ରକଳ୍ପ ଦ୍ୱାରା ଘଟଗାଁ ବ୍ଲକର ୧୦ ଗୋଟି ଗ୍ରାମପଞ୍ଚାୟତ ଅଧୀନସ୍ଥ ୩୪ଟି ଗାଁରେ ୫ ଦିନ ଧରି ବୁଲି ସମସ୍ତ ଛେଳି ଓ ଦେଶୀ କୁକୁଡ଼ା ଚାଷୀମାନଙ୍କୁ କୁକୁଡ଼ା ଓ ଛେଳିର ଟୀକାକରଣ ଓ କୃମି ନାଶନ ସମ୍ପର୍କରେ ସଚେତନ କରାଇବ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରକଳ୍ପ ପରିଚାଳକ ଶ୍ରୀ ସୁଦାମ ଚରଣ ଭୂୟାଁଙ୍କ ସହ ରାଜୀବ କୁମାର ଶର୍ମା ପ୍ରକଳ୍ପ କୋଷାଧକ୍ଷ ଏବଂ ପ୍ରକଳ୍ପର ଅନ୍ୟ ସମସ୍ତ କର୍ମକର୍ତ୍ତା ଯଥା ବିଶ୍ୱଜିତ ପ୍ରସାଦ ନାୟକ, ସୌମ୍ୟରଂଜନ ପାଢୀ, ସ୍ୱର୍ଣପ୍ରଭା ସିଂହ, ରଞ୍ଜିତା ପଣ୍ଡା, ସ୍ୱାତୀ ମହାନ୍ତ, ଶତାବ୍ଦୀ ସାମଲ, ସୁନିତା ନାଏକ, ସଂଯୁକ୍ତା ନାଏକ, ଲକ୍ଷ୍ମୀପ୍ରିୟା ମାନସିଂହ, ମଞ୍ଜୁଲତା ନାଏକ, ଦମୟନ୍ତୀ ନାଏକ, ବବିତା ରାଣୀ ମହାନ୍ତ, ସୁମତି ପିଲା, ଅନିତା ସାହୁ, ପ୍ରତିମା ପ୍ରଧାନ, ସଂଘମିତ୍ରା ଦାଶ, ଐଶ୍ୱର୍ଯ୍ୟା ବେହେରା, ଦିବ୍ୟ ରଞ୍ଜନ ବେହେରା, ରତିରଞ୍ଜନ ରାଉତ ଆଦି ସହଯୋଗ କରି ଥିଲେ ।

# ଉଠାଜଳସେଚନ ପ୍ରକଳ୍ପରୁ ଟ୍ରାନ୍ସଫର୍ମରୁ କୋଏଲ ଚୋରୀ



ବେତନଟୀ(ପି.ଏନ): ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ କଦଳିଆ ଗ୍ରାମରେ ଥିବା ଉଠା ଜଳସେଚନ ପ୍ରକଳ୍ପର ଟ୍ରାନ୍ସଫର୍ମର ଚୋରି ଘଟଣାରେ ରବିବାର ଅପରାହ୍ନ ଦୁଇଟାରେ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କଲା ବୈଶିଙ୍ଗା ପୁଲିସ ।ସୂଚନା ମୁତାବକ ଚାଷୀମାନଙ୍କ ପାଇଁ ଉଠା ଜଳସେଚନ ବିଭାଗ ପକ୍ଷରୁ ଏକ ପ୍ରକଳ୍ପ ସ୍ଥାପିତ କରାଯାଇଥିଲା ।କିଛି ଦୁର୍ବୃତ୍ତ ଉଠା ଜଳସେଚନ ପ୍ରକଳ୍ପରେ ବ୍ୟବହୃତ ଟ୍ରାନ୍ସଫର୍ମରରୁ ମୂଲ୍ୟବାନ କୋର ଓ କୋଏଲ ଚୋରି କରିନେଇଥିଲେ। ଘଟଣା ଜଣାପଡିବା ପରେ ସ୍ଥାନୀୟଲୋକ ପୁଲିସକୁ ଖବର ଦେଇଥିଲେ ।ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକରି ଫେରିଥିବା ସୂଚନା ମିଳିଛି।

# ଅଭିଭାବକଙ୍କ ଭରଷାଯୋଗ୍ୟ ଶିକ୍ଷାନୁଷ୍ଠାନ : ଆଇଲର୍ଣ୍ଣ ତାଲଚେର

ତାଲଚେର, (ପି.ଏନ): ପାଠ ପଢ଼ାଇବାକୁ ପିଲାଙ୍କୁ ଆଶାନୁରୂପକ ସହରକୁ ପଠାଇବାକୁ ପଡ଼ିବ ନାହିଁ । କାହିଁକି ଆପଣଙ୍କ ହାତ ପାହାନ୍ତେରେ ଏପରି ସୁବିଧା ଉପଲବ୍ଧ । ଗ୍ରାମାଚଂଳ ମେଧାବୀ ଗୁଣାତ୍ମକ ମାନର ଶିକ୍ଷାପ୍ରଦାନ କରିବା ଲକ୍ଷ୍ୟନେଇ ଗତ ବାରବର୍ଷ ଧରି ଛାତ୍ରଛାତ୍ରୀଙ୍କ ନିମନ୍ତେ କଠିନ ପରିଶ୍ରମ ଓ ସଫଳତାଭାବେ କାର୍ଯ୍ୟ କରି ଆସୁଛି ଆଇଲର୍ଣ୍ଣ ତାଲଚେର । ଏକ୍ଷେତ୍ରରେ ଏକ ଅଗ୍ରଣୀ ସ୍ଥାନ ନେଇଛି ଉକ୍ତ ଆବାସିକ




ଶିକ୍ଷାନୁଷ୍ଠାନ । ତେବେ ନିଜର ପାରଦର୍ଶିତାରେ ଶତପ୍ରତିଶ ସଫଳତା ହସଲ କରିଛି । ୨୦୧୦ ମସିହା ଠାରୁ +୨ ବିଜ୍ଞାନ ପାଇଁ କୋଠର ପରିଶ୍ରମ କରି ଛାତ୍ରଛାତ୍ରୀଙ୍କୁ ସଠିକ୍ ମାର୍ଗର ଦିଗଦର୍ଶନ କରାଇପାରିଛି । ମାଟ୍ରିକ ପରି +୨ ପାଠପଢ଼ା ମଧ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ତେଣୁ ଅଭିଭାବକ ନିଜ ପିଲାଙ୍କ ଭବିଷ୍ୟତ କେବଳ ଏକ ସ୍କୁଲେଜରେ ନାମ ଲେଖାଇ ନିରୋବର ସହିତ ବସି ପଢ଼ିବା ଚିନ୍ତାମୁକ୍ତ ନୁହେଁ ବରଂ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବି ସମାନ୍ତରଳଭାବେ ପ୍ରସ୍ତୁତ ହେବାକୁ ପଡ଼ିଥାଏ । ଏହାକୁ ନେଇ ଆଇଲର୍ଣ୍ଣ ଶିକ୍ଷାନୁଷ୍ଠାନ ହେଉଛି ପିଲାଙ୍କ ଭବିଷ୍ୟତ ଗଢ଼ିବା ଓ ପିଲାଙ୍କୁ ସଠିକ ମାର୍ଗ ଦର୍ଶନ କରିବାରେ ନିରନ୍ତର ପ୍ରୟାସ । ଛାତ୍ରଛାତ୍ରୀଙ୍କ ମୂଳଦୁଆ କିପରି ସୁଦୃଢ଼ କରିହେବ ଏବଂ କେଉଁ କ୍ଷେତ୍ରରେ ଛାତ୍ରଛାତ୍ରୀ ଦୁର୍ବଳ ତାକୁ ନେଇ ସେ କିପରି ଆଗାମୀ ଦିନରେ ଭଲ ପ୍ରଦର୍ଶନ କରିବ ତା'ଉପରେ ଗୁରୁତ୍ୱାରୋପ ହୋଇଥାଏ ବୋଲି ଅନୁଷ୍ଠାନର ନିର୍ଦ୍ଦେଶିକା ଶ୍ରୀମତୀ ସୁଞ୍ଜୁଲତା ପାଣି ଏହା ପ୍ରକାଶ କରିଛନ୍ତି ।

# ଧରଣୀମାଳ ଉଚ୍ଚ ବିଦ୍ୟାଳୟର ୨୦୦୮ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ



ବୋଡ଼େନ (ପି.ଏନ): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଧରଣୀମାଳ ଉଚ୍ଚ ବିଦ୍ୟାଳୟର ୨୦୦୮ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଖଡ଼ିଆଳ ନିକଟ ତିଖାଲି ଡ୍ୟାମ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ୨୦୦୮ ବ୍ୟାଚର ପ୍ରାୟ ୨୯ ଜଣରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସମସ୍ତେ ଏକ ଜୁଟ ହେବା ପରେ ପରସ୍ପର ମଧ୍ୟରେ ପରିଚୟ ସହ ଭାବର ଆଦାନ ପ୍ରଦାନ ହୋଇଥିଲା। ପରେ ଛାତ୍ର ଜୀବନର ଅଭୁଲା ସ୍ମୃତି ସବୁ ମନେପକାଇ ପରସ୍ପର ମଧ୍ୟରେ ଖୁସି ଜାହିର କରିଥିଲେ। ଏହି ବନ୍ଧୁ ମିଳନ ଦୀର୍ଘ ୧୭ ବର୍ଷପରେ ଅନୁଷ୍ଠିତ ହୋଇଥିବା ବେଳେ ପରସ୍ପର ମଧ୍ୟରେ ବହୁ ଆନନ୍ଦ ଅନୁଭବ ହୋଇଥିବା ଜଣାପଡିଛି। ଏଭଳି ବନ୍ଧୁ ମିଳନ ଆଗାମୀ ପ୍ରତିବର୍ଷ ଆୟୋଜନ କରାଯିବ ବୋଲି ପରସ୍ପର ମଧ୍ୟରେ ନିଷ୍ପତ୍ତି ନିଆଯାଇଛି। ଏହି ବନ୍ଧୁ ମିଳନ ଦ୍ୱାରା ପରସ୍ପର ମଧ୍ୟରେ ସମ୍ପର୍କ ନିବିଡ଼ ହେବା ସହ ଦୁଃଖସୁଖରେ ସମସ୍ତେ ସାମିଲ ହୋଇପାରିବା ନେଇ ବିଶେଷ ଆଲୋଚନା କରିଥିଲେ। ଏହା ଦ୍ୱାରା ବ୍ୟକ୍ତିଗତ ସମ୍ପର୍କ ବୃଦ୍ଧି ହେବା ସହ ପାରିବାରିକ ସମ୍ପର୍କ ମଧ ଦୃଢ଼ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ସମସ୍ତଙ୍କ ପାଇଁ ଭୋଜିଭାତର ଆୟୋଜନ କରାଯାଇଥିଲା। ପରେ ତିଖାଲି ସ୍ଥିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ନାଚଗୀତ କରି ଆନନ୍ଦ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ଦିଗାମ୍ବର, ଅମିତ, ସୁମିତ, ଘନଶ୍ୟାମ, ଦୁର୍ଯ୍ୟୋଧନ, ହିମାଂଶୁ, ଦେବେନ୍ଦ୍ର, ଟିକେଲାଲ, ପୂର୍ଣଚନ୍ଦ୍ର, ହରିଶ୍ଚନ୍ଦ୍ର, ଭୁବନେ, ଗଗନ, ଶେଷଦେବ, ହେରାମ୍ବ, ବିଶ୍ୱରଂଜନ, ଦୂଷିଲା, କୁନ୍ତୀ, ସସ୍ମିତା, ଲକ୍ଷ୍ମୀପ୍ରିୟା, ନୀଲେନ୍ଦ୍ରି, ଦେବାଂଗିନୀ, ଜାନକୀ, ବୈଜୟନ୍ତୀ, ରୌମ୍ୟ ରଞ୍ଜନ,ରୋମାଞ୍ଚଳ, କୃ ତଞ୍ଜ, ରାଜେଶ,ଜରାସନ, ଧରମ, ଜଗଦିଶ, ରଶ୍ମିତା, ଆଶୁତୋଷ,ପ୍ରମୁଖ ନେତୃତ୍ୱ ନେଇଥିଲ




# ପୁରାଣ ଆବୃତ୍ତି ଓ ଶଙ୍ଖଫୁଙ୍କା ମଧ୍ୟରେ ଆରମ୍ଭ ହେଲା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା

ଭୁବନେଶ୍ୱର (ପିଏନ୍)-ପ୍ରଥା, ପରମ୍ପରା ଓ ପରିପାଟୀ ମଧ୍ୟରେ ବଞ୍ଚି ରହିଥିବା ଓଡ଼ିଆଙ୍କର ପରିଚୟ ସହ ଭାଷା,ସଂସ୍କୃତି ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଲକ୍ଷ୍ୟରେ ସଂଭାବନା ପକ୍ଷରୁ ସପ୍ତଦଶ ବର୍ଷରେ ପହଞ୍ଚିଥିବା ଅଭିଯାନ ଓଡ଼ିଆ ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ତଥା ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉତ୍କଳ ଦିବସର ସ୍ମରଣୀୟ ସଂଧ୍ୟାରୁ ଓଡ଼ିଆଣୀମାନଙ୍କ ଦ୍ୱାରା ପୁରାଣ ପାଠ ଓ ଶଙ୍ଖଫୁଙ୍କାରୁ ଆରମ୍ଭ ହୋଇଛି। ଏହି ଅନନ୍ୟ କାର୍ଯ୍ୟକ୍ରମ ସହ ହସ୍ତାକ୍ଷର,ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରୁ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତାର ମଧ୍ୟ ଶୁଭାରମ୍ଭ ହୋଇଛି। ଏକାମ୍ର ହାଟର ମୁକ୍ତାକାଶ ମଞ୍ଚରେ ଓଡ଼ିଆଣୀମାନଙ୍କ ଦ୍ୱାରା ଶାରଳା ଦାସଙ୍କ ମହାଭାରତ,ଜଗନ୍ନାଥ ଦାସଙ୍କ ଭାଗବତ ଓ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଆଦି ବିଭିନ୍ନ ଓଡ଼ିଆ ପୁରାଣ ପାଠ ସହ ସହ ଶଙ୍ଖନାଦରେ ନିନାଦିତ ହୋଇଥିଲା ସମଗ୍ର ଏକାମ୍ର ହାଟର ମନୋରମ ପରିବେଶ। ପ୍ରମୁଖ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ବିଶିଷ୍ଟ ସଂଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ଓଡ଼ିଆ ମହୋତ୍ସବର ଅଧ୍ୟକ୍ଷ ତଥା ଓଡିଶା ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ରାଜୀବ ଶେଖର ସାହୁ,ସଂଭାବନାର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଦର୍ଶନ ଦାସ ଉପସ୍ଥିତି ସହ ସମ୍ମାନିତ ଅତିଥି ଭାବେ ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ଶ୍ରୀମତୀ ରଶ୍ମି ସାହୁ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିମାନେ ସମ୍ବୋଧିତ କରି ଉତ୍କଳ ଦିବସ ଭଳି ଓଡ଼ିଆଙ୍କର ସ୍ମରଣୀୟ ଦିବସରୁ ଓଡ଼ିଆତ୍ୱର ସୁରକ୍ଷା ପାଇଁ ଏହିଭଳି ଅଭିନବ ଉଦ୍ୟମ ଧାରାବାହିକତା ରକ୍ଷା କରି ବର୍ଷ ପରେ ବର୍ଷ ଚାଲିଥିବା ଆନନ୍ଦର ବିଷୟ ବୋଲି କହିଥିଲେ। ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା।

ସଂଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ସହ ଓଡ଼ିଆ ଜାତୀୟତାବାଦୀ ସଂଗୀତରୁ ଆରମ୍ଭ ହୋଇଥିଲା ଉଦ୍‌ଘାଟନୀ ସଂଧ୍ୟା। ଜଣାଶୁଣା ଗାୟକ ଅର୍ଣ୍ଣବ ପଣ୍ଡା,ବିପୁଲ ଓ ଛନ୍ଦା ମିଶ୍ର ଆଦିଙ୍କ ସ୍ୱରରେ ଓଡ଼ିଆତ୍ୱର ମୂର୍ଚ୍ଛନା ସହ ହସ୍ତାକ୍ଷର,ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶିଶୁ-କିଶୋରମାନେ ପରିବେଶକୁ ବେଶ୍ ମହକାଇଥିଲେ।

ସେହିଭଳି ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ପୁରାଣ ଆବୃତ୍ତି ପ୍ରତିଯୋଗିତାର ବିଚାରକ ଭାବେ ଉପସ୍ଥିତ ଥିଲେ, ଲଡୁ କିଶୋର ପଢିହାରୀ ଓ ମନୋଜ କୁମାର ଶତପଥି ।ଏହି ଅବସରରେ ଓଡିଶୀ ନୃତ୍ୟ ମଧ୍ୟ ପରିବେଷିତ ହୋଇଥିଲା। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ମୁଖ୍ୟ ପରିଚାଳନା ଏବଂ ପ୍ରଫୁଲ୍ଲ ଦେଙ୍କର ସଂଚାଳନରେ ଅନୁଷ୍ଠିତ ହୋଇଥିଲା ଏହି ଉଦ୍‌ଘାଟନୀ ଉତ୍ସବ। ଏପ୍ରିଲ ୨ ତାରିଖରେ ଓଡିଆଣୀଙ୍କ ମଧ୍ୟରେ ମୁରୁଜ ଓ ଭାଷାଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ହତ୍ୟା ଅଭିଯୁକ୍ତଙ୍କୁ ଜିଲ୍ଲାଜଜଙ୍କ ଆଜୀବନ କାରାଦଣ୍ଡାଦେଶ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଏକ ହତ୍ୟା ମାମଲାର ବିଚାର କରି ଦୋଷୀକୁ ଆଜୀବନ କରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜୋରିମାନାରେ ମଧ୍ୟ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ନିକିରାଇ ଥାନା ଅନ୍ତର୍ଗତ ପଳସିଂହା ପଞ୍ଚାୟତର ମିର୍ଜାପୁର ଗ୍ରାମର ଶ୍ରୀକାନ୍ତ ସ୍ୱାଇଁଙ୍କ ପତ୍ନୀ ମୀତା ସ୍ୱାଇଁ ଗତ ୨୦୧୪ ମସିହା ଫେବୃୟାରୀ ମାସ ୨୮ ତାରିଖ ବିଳମ୍ବିତ ରାତିରେ ଉଠି ପରିସ୍ରା କରିବାକୁ ଘର ବାହାରକୁ ଯାଇଥିଲେ। ସେ ପରିସ୍ରା କରୁଥିବା ବେଳେ ସେହି ଗ୍ରାମର ରଙ୍ଗାଧର ବିଶ୍ୱାଳ ତାଙ୍କୁ ମାଡିବସି ଅସଦାଚରଣ କରିବାରେ ମୀତା ପାଟି କରିଥିଲେ। ଫଳରେ ମୀତାଙ୍କ ସ୍ୱାମୀ ଶ୍ରୀକାନ୍ତ ଉଠିପଡି ସେଠାକୁ ଆସି ଘଟଣାର ପ୍ରତିବାଦ କରିଥିଲେ। ଶ୍ରୀକାନ୍ତ ଏଥିରେ ଉତକ୍ଷିପ୍ତ ହୋଇ ଏକ ଭୁଜାଲିରେ ଶ୍ରୀକାନ୍ତଙ୍କୁ ଗୋଟିଏ ପରେ ଗୋଟିଏ ଚୋଟ ମାରିଥିଲେ। ଶ୍ରୀକାନ୍ତଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ନିକିରାଇ ଥାନାରେ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରଙ୍ଗାଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଅଭିଯୋଗଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା। ଏସ.ଟି. କେଶ ନମ୍ବର -୧୮୬/୨୦୧୪ରେ ଏହି ମାମଲାର ବିଚାର କରି କେନ୍ଦ୍ରାପଡା ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଭାରତୀୟ ଦଣ୍ଡବିଧି ଆଇନର ୩୨୪, ୩୫୪, ୫୦୬ ଓ ୩୦୨ ଦଫାରେ ଅଭିଯୁକ୍ତ ରଙ୍ଗାଧର ବିଶ୍ୱାଳଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ୧୦ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମାନସରଞ୍ଜନ ବେହେରା କୋର୍ଟରେ ଏହି ମାମଲାର ପରିଚାଳନା କରୁଥିଲେ।

# ଶ୍ରୀଲିଙ୍ଗରାଜ ମନ୍ଦିରକୁ ପାନ, ଗୁଟ୍‌ଖା, ଖଇନିର ପ୍ରବେଶକୁ ବିରୋଧ



ଭୁବନେଶ୍ୱର (ପିଏନ୍): ସ୍ୱଚ୍ଛତା ହିଁ ପବିତ୍ରତା। କଥାରେ ଅଛି ଯେଉଁଠି ସ୍ୱଚ୍ଛତା ନାହିଁ ସେଠି ପବିତ୍ରତା ନାହିଁ। ସ୍ୱଚ୍ଛତାକୁ ନେଇ ସାରା ଦେଶରେ ଚାଲିଛି ସ୍ୱଚ୍ଛ ଭାରତ ଅଭିଯାନ। ହେଲେ ଏକାମ୍ରକ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ସ୍ୱଚ୍ଛତାରେ ଦେଖାଦେଇଛି ବ୍ୟତିକ୍ରମ। ଯାହାର ଚିତ୍ର ସାମ୍ନାକୁ ଆସିଛି। ମନ୍ଦିର ଭିତରୁ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସଫା କରାଯାଇଛି ପୁଳା ପୁଳା ପାନ, ଗୁଟ୍‌ଖାର ପିକ। ଏଥିପାଇଁ ଦାୟୀ କିଏ ? ଯାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଐତିହ୍ୟ, କୀର୍ତ୍ତିରାଜି ମଣ୍ଡିତ ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ଭିତରେ ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମିଳୁଥିଲେ ହେଁ ଏଥିପ୍ରତି କାହାରି ଟିକେ ନିଘା ନଥିବା ପରି ମନେହୁଏ। ଏ ନେଇ ଭକ୍ତ, ଶ୍ରଦ୍ଧାଳୁ, ସାମାଜିକ କର୍ମୀମାନେ ଚିନ୍ତାପ୍ରକଟ କରିଛନ୍ତି। ଏ ନେଇ ମନ୍ଦିର ପ୍ରଶାସନ, ସେବାୟତମାନେ ଆଲୋଚନା କରନ୍ତୁ। ଏଥିପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ସହ କଟକଣା ଜାରି କରନ୍ତୁ ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ, ଗୋପୀମୋହନ ପଟ୍ଟନାୟକ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ପ୍ରମୁଖ ଦାବି କରିଛନ୍ତି।

# ବାଇକ ଚୋରୀ ଅଭିଯୋଗରେ ଦୁଇ ଗିରଫ

ଖୋର୍ଦ୍ଧା (ପିଏନ)-ଗତ ମାସ ୧୫ ତାରିଖ ଦିନ ୧୦ ଘଟିକା ସମୟରେ ଖୋର୍ଦ୍ଧା ସଦର ମହକୁମାର ଶକୁନ୍ତଳା ମାର୍କେଟ କଂପ୍ଲେକ୍ସର କାନାରା ବ୍ୟାଙ୍କ ନିକଟରେ ଭିଭୋ କମ୍ପାନୀର କର୍ମଚାରୀ ଦେବବ୍ରତ ଖୁଂଟିଆ ଓଡି ୩୩କେ୨୧୧୫ ନମ୍ବର ବିଶିଷ୍ଟ ବାଇକ ରଖି କାର୍ଯ୍ୟ କରୁଥିଲେ । କିଛି ସମୟ ପରେ କୌଣସି ଜରୁରୀ କାର୍ଯ୍ୟ ପାଇଁ ନିଜର ବାଇକଟିକୁ ନ ପାଇବାରୁ ବହୁ ଖୋଜାଖୋଜି କରିଥିଲେ । ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କାର୍ଯ୍ୟ ଆରମ୍ଭ କରିଦେଇଥିଲା । ଆଦର୍ଶ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦ ମୁସଲିମ ସାହିର ମହମ୍ମଦ ଖାନ(୨୯) ଓ ଅନ୍ୟ ଜଣକ ହେଉଛି ବାଲୁଗାଁ ଥାନା ଅନ୍ତର୍ଗତ ଜାଗୁଳେଇପାଟଣା ଗ୍ରାମର ରାଜା ବେହେରା (୨୬)। ସେମାନଙ୍କଠାରୁ ବାଇକ ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଗତ ୧୧ ତାରିଖ ଦିନ ବାଲୁଗାଁର ପାତ୍ର କଲୋନୀର ଦୁଇଟି ଓ ପୁରୀରୁ ମଧ୍ୟ ବାଇକ ଚୋରୀ କରିଥିବାର ତଦନ୍ତ ବେଳେ ଜଣାପଡିଥିବା ବେଳେ ଏମପି ୦୯ଏନଜି୫୫୮୩ ନମ୍ବର ବିଶିଷ୍ଟ ସ୍ୱେଣ୍ଡର କମ୍ପାନୀର ବାଇକଟି ଅଭିଯୁକ୍ତ ନିକଟ ସମ୍ପର୍କୀୟ ମୁକୁନ୍ଦପ୍ରସାଦସ୍ଥିତ ରୀତା ବେହେରା ଘରେ ଥିବାର ଜାଣି ପୋଲିସ ନିଜ ହେପାଜତରେ ଆଣି ରଖିଛି।

# ରାୟଗଡା ଜିଲ୍ଲାରେ ରାଜନୀତି ଏବଂ ପ୍ରଶାସନ ମଧ୍ୟରେ ବାଦ ବିବାଦ

ରାୟଗଡ଼ା(ପି.ଏନ): ରାୟଗଡା ଜିଲ୍ଲାରେ କିଛି ଦିନ ଧରି ଚର୍ଚ୍ଚା ଜୋର ଧରିଛି, ଯେଉଁଥିରେ ଜିଲ୍ଲା ପ୍ରଶାସନ ଓଏସ ସଂଘ ପକ୍ଷରୁ ବିଜେପି ସଭାପତି ବିରୁଦ୍ଧରେ ଥାନାକୁ ଏତଲା ଦିଆଯାଇଛି। ଏହା ସହ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ବିଜେପି ସଭାପତିଙ୍କର ଦୁର୍ବ୍ୟବହାର ନେଇ ଏକ ଗମ୍ଭୀର ବିରୋଧ ପ୍ରକାଶ କରାଯାଇଛି ।ଏହି ସମ୍ପର୍କରେ ଆଜି ବିଜେଡି ଦଳ ଏକ ସାମ୍ବାଦିକ ସମ୍ମିଳନୀ ଡାକି ନିଜ ମତ ପ୍ରକାଶ କରିଛି, ଯାହାରେ ପୂର୍ବତନ ସାଂସଦ ଏନ ଭାସ୍କର ରାଓ ନିଜ ମତ ବ୍ୟକ୍ତ କରିଛନ୍ତି। ତାଙ୍କର କହିବା ଅନୁଯାୟୀ, ତାଙ୍କର ଶାସନ କାଳରେ କେବେଁ ଏହି ପରି ନିନ୍ଦନୀୟ ଘଟଣା ଘଟିନି। ସେ କହିଛନ୍ତି, ବିଜେପି ସଭାପତିଙ୍କ ଦୁର୍ବ୍ୟବହାର ଏକ ନିଷେଧ ଘଟଣା ଓ ଏହାକୁ ସାର୍ବଜନୀନ ଭାବରେ ନିନ୍ଦା କରିଛନ୍ତି। ରାୟଗଡା ଜିଲ୍ଲା ବିଧାୟକ କଂଗ୍ରେସ ନେତା ଅପଲାସ୍ୱାମୀ କାଡ୍ରାକା ମଧ୍ୟ ଏ ବିଷୟରେ ମତ ପ୍ରକାଶ କରି କହିଛନ୍ତି ଯେ,ବିଜେପି ସଭାପତିଙ୍କର ପ୍ରଶାସନ ପ୍ରତି ଏପରି ଅସଦାଚରଣ ବ୍ୟବହାର ଗ୍ରହଣ ଯୋଗ୍ୟ ନୁହେଁ ବୋଲି ତୀବ୍ର ପ୍ରତିବାଦ କରିଥିଲେ । ଆଜି ବିଜେପି ଲୋକସଭା ପାର୍ଥି ବସନ୍ତ ଉଲ୍ଲକା, ବିଜେପି ସଭାପତି ଗୋପୀଆନନ୍ଦ ଙ୍କ ଉପରେ ପ୍ରଶାସନ ଏବଂ ବିରୋଧୀ ଲଗାଇଥିବା ସମସ୍ତ ଆରୋପକୁ ମିଥ୍ୟା ବୋଲି କହିଛନ୍ତି, ସତ୍ୟତା ନା ଜାଣି ବିରୋଧୀ ଙ୍କୁ କୌଣସି ମତ ଦେବା ଯୁକ୍ତିଯୁକ୍ତ ନୁହେଁ ବୋଲି କହିଛନ୍ତି ।ଏହି ଘଟଣା ଏକ ବଡ଼ ରାଜନୈତିକ ବିଭାଜନ କୁ ବୃଦ୍ଧି କରିଛି, ଯାହା ଦେଖିବାକୁ ମିଳୁଛି ଯେ, ଜିଲ୍ଲା ପ୍ରଶାସନ ଓ ବିଜେପି ସଭାପତିଙ୍କ ମଧ୍ୟରେ ଏକ ସର୍ବସାଧାରଣ ଆକ୍ରୋଶ ଏବଂ ବିରୋଧର ଦ୍ୱନ୍ଦ୍ୱ ଦେଖିବାକୁ ମିଳୁଛି ।ଏହି ଘଟଣା ସେଇପରି ଏକ ସାମାଜିକ ଓ ରାଜନୈତିକ ସୂତ୍ରରେ ସମସ୍ତଙ୍କୁ ଚିନ୍ତା କରିବାର ଅବସର ଦେଉଛି, ଯେଉଁଥିରେ ବିଭିନ୍ନ ଦଳ ଓ ସଂଘ ସେମାନଙ୍କର ଆଦାନ-ପ୍ରଦାନ ନୀତି ଓ ପ୍ରସ୍ତାବ ପ୍ରକାଶ କରିଛନ୍ତି। ଏହା ସହିତ, ଏହି ସମ୍ବନ୍ଧରେ ରାଜନୈତିକ ପ୍ରତିସ୍ପର୍ଦ୍ଧା ଓ ନେତୃତ୍ୱ ଚାଲିଛି, ଯେଉଁଥିରେ ଲୋକମାନେ ଏହି ବିରୋଧୀ ସଂଗଠନର ପ୍ରତିକ୍ରିୟା ସମ୍ବନ୍ଧରେ ମୁଖ୍ୟ ମତ ପ୍ରକାଶ କରୁଛନ୍ତି।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବଜେଟରେ ଶ୍ରମିକ କର୍ମଚାରୀମାନଙ୍କ ପାଇଁ ଯଥେଷ୍ଟ ଅନୁଦାନ ନାହିଁ



ଭୁବନେଶ୍ୱର,(ପି.ଏନ): ଚଳିତ ବର୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଜେଟରେ ଯଥେଷ୍ଟ ପରିମାଣରେ ଶ୍ରମିକ ମାନଙ୍କ ପାଇଁ ଅନୁଦାନ ନାହିଁ। ଦେଶରେ ଭୋଟ ସଂଖ୍ୟାର ୫୭.୦୩ ପ୍ରତିଶତ ଶ୍ରମିକ ହୋଇଥିଲାବେଳେ ଚଳିତ ବର୍ଷ କେନ୍ଦ୍ର ବଜେଟରେ ପ୍ରଶାସନିକ ଖର୍ଚ୍ଚ ଏବଂ ବିଭିନ୍ନ ପ୍ରକଳ୍ପ ସମେତ ପ୍ରାୟ ୨୬ ହଜାର କୋଟି ଟଙ୍କା ଦିଆଯାଇଛି। ସେହିପରି ରାଜ୍ୟରେ ସର୍ବମୋଟ ୧ କୋଟି ୫୦ ଲକ୍ଷ ଶ୍ରମିକ ଥିଲାବେଳେ ଏବଂ ରାଜ୍ୟରୁ ୧ କୋଟି ଶ୍ରମିକ ପ୍ରବାସୀ ଶ୍ରମିକ ଭାବେ ନିଯୁକ୍ତି ଓ ରୋଜଗାର ପାଇଁ ବାହାରକୁ ଯାଉଥିଲାବେଳେ, ରାଜ୍ୟ ଶ୍ରମ ବିଭାଗରେ ୩୭୩.୨୨ ଟଙ୍କାର ବଜେଟ ଅଟକଳ କରାଯାଇଛି। ପ୍ରବାସୀ ଶ୍ରମିକ ଓ ଅସଂଗଠିତ ଶ୍ରମିକଙ୍କର ମଙ୍ଗଳ ଓ ସାମାଜିକ ସୁରକ୍ଷା ପାଇଁ କୌଣସି ଅର୍ଥ ବ୍ୟବସ୍ଥା କରାଯାଇନାହିଁ ଏବଂ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ, ଚକିତ୍ସା ଓ ସାମାଜିକ ସୁରକ୍ଷା ୧୯୯୫ ଭବିଷ୍ୟନିଧି ପେନସନ୍ ପାଇଁ କେନ୍ଦ୍ର ସରକାରଙ୍କ ବଜେଟରେ ଅନୁଦାନ ଦିଆଯାଇନାହିଁ ବୋଲି ଗତକାଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ କେନ୍ଦ୍ର ଓ ରାଜ୍ୟ ବଜେଟ ଉପରେ ଏକ ଆଲୋଚନାଚକ୍ରରେ ପୌରହିତ କରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ. ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାର ବଜେଟ ଉପରେ ତୀବ୍ର ସାମଲୋଚନା କରିବା ସହିତ ରାଜ୍ୟ ଓ କେନ୍ଦ୍ରରେ ଜି.ଏସ୍.ଟି., ଇନ୍‌କମ୍ ଟ୍ୟାକ୍ସ, ଏକ୍ସସାଇଜ୍ ଟ୍ୟାକ୍ସ ଓ ଭ୍ୟାଟ୍‌ର ଟିକସ ସାଧାରଣ ଲୋକଙ୍କ ଠାରୁ ଆଦାୟ କରାଯାଉଥିଲାବେଳେ ଏବଂ ଓଡ଼ିଶାରୁ ଖଣିରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସେସ୍ ଓ ସର୍ଚ୍ଚାସ ଭାବରେ ପର୍ଯ୍ୟାପ୍ତ ପରିମାଣରେ ପାଉଥିଲାବେଳେ କର୍ପୋରେଟ୍ ସେକ୍ଟରରୁ ଟ୍ୟାକ୍ସରେ ରିହାତି ଦିଆଯାଉଛି ଏବଂ ବିଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ଲକ୍ଷ ଲକ୍ଷ କୋଟି ଟଙ୍କା ବ୍ୟାଙ୍କ ଋଣ ଛାଡ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବ୍ୟାଙ୍କ ଓ ଘରୋଇ ବଜାରରୁ ଋଣ ନେଇ ବଜେଟର କଳେବର ବୃଦ୍ଧି କରୁଛନ୍ତି। ଯାହା ସାଧାରଣ ଲୋକ, ଶ୍ରମିକ କର୍ମଚାରୀଙ୍କ ଉପରେ ସୁଧର ବୋଝ ବଢୁଛି। ବିଶିଷ୍ଟ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ଏହି ସଭାରେ ରାଜ୍ୟ ଓ କେନ୍ଦ୍ର ସରକାର ବଜେଟକୁ ତୀବ୍ର ସାମଲୋଚନା କରିବା ସହିତ ସାଧାରଣ, ଜନସାଧାରଣ, ଶ୍ରମିକ କର୍ମଚାରୀ, ସାମ୍ବାଦିକ, ଯୁବକ, ଛାତ୍ର ଓ ମହିଳା ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଏଭଳି ବଜେଟକୁ ପ୍ରତ୍ୟାଖାନା କରିବା ପାଇଁ ଓ ରାଜ୍ୟ, ଦେଶର ଗୁରୁତ୍ୱପୂର୍ଣ୍ଣ ଘଟଣାବଳିରୁ ସାମିଲ ହେବା ଆବଶ୍ୟକ ବୋଲି କହିଛନ୍ତି ।ଏହି ଆଲୋଚନାଚକ୍ର ପ୍ରାରମ୍ଭରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ କିଶୋର ଜେନା ସ୍ୱାଗତ ଭାଷଣ ଦେଇଥିଲେ ଓ ଉପସଭାପତି ମଦନ ମୋହନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଶାନ୍ତ ମହାପାତ୍ର, ବିଦ୍ୟାଧର ମହାନ୍ତି, ଦେବାଶିଷ ଘୋଷ, ଜିଲ୍ଲା ସଭାପତି ସନ୍ତୋଷ ଭୋଳ, ଯୁଗ୍ମ ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ, ସଭାନେତ୍ରୀ ପ୍ରଣତି ମିଶ୍ର, ସମ୍ପାଦକ ସତ୍ୟାନନ୍ଦ ସାହୁ, ପ୍ରଦିପ୍ତ କୁମାର ଦାସ, ଧରଣୀଧର ସ୍ୱାଇଁ, ଅଯୋଧ୍ୟା ସାହୁ, ବିଜୟ ଦ୍ୱିବେଦୀ, ସୁଧାଂସୁ ମହାନ୍ତି, ପୂର୍ବତନ ଯୁବ ସଭାପତି ବିଷ୍ଣୁ ମୋହନ ରଥ, ଚିନ୍ମୟ ସୁନ୍ଦର ହୋତା, ବିମଳ ପ୍ରଧାନ, ସୁଶିଲ ବେହେରା, ପ୍ରଭାତ ମୋଟାଲୀ, ରୁନା ନାୟକ, ସୁଚୀତ୍ରା ଦାସ, ସିଲି ସେଠୀ, ଯବାମଣି ଟୁଡୁ, ବାସନ୍ତୀ ସାମଲ, ସାଗରୀକା ବାରିକ, କାମେନୀ ମହାରଣା, ତପତୀ ଦତ, ସୁପ୍ରଭା ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କାର୍ଯ୍ୟକାରିଣୀ କମିଟିର ବିଶେଷ ବୈଠକ ଓ ଆଲୋଚନାଚକ୍ରରେ କେନ୍ଦ୍ର ସରକାର ୧୯୯୫ ମସିହାକୁ ଭବିଷ୍ୟନିଧି ପେନସନକୁ ୯ ହଜାର ଟଙ୍କା ବୃଦ୍ଧି କରିବା ଓ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପୁରୁଣା ପେନସନକୁ ପୁନଃରାଧୁର କରିବା, ଜଙ୍ଗଲ, କୃଷି, ଗିଗ୍ ଓ କର୍ମଚାରୀଙ୍କ ପାଇଁ ବିଶେଷ ସାମାଜିକ ସୁରକ୍ଷା ତଥା ସମସ୍ତ ଅସଂଗଠିତ କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ପାଇଁ ଅର୍ଥବ୍ୟବସ୍ଥା ଦାବି କରାଯାଇଛି। ସେହିପରି ଓଡ଼ିଶା ରାଜ୍ୟ ସରକାର ଅସଂଗଠିତ ଶ୍ରମିକଙ୍କର ଶ୍ରମ ମଙ୍ଗଳ ବୋର୍ଡକୁ କାର୍ଯ୍ୟକରିବା ପାଇଁ ଏବର୍ଷ ବଜେଟରେ ୫୦୦୦ କୋଟି ଟଙ୍କା ଓ ୧ କୋଟି ପ୍ରବାସୀ ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ ଓ ସେମାନଙ୍କୁ କାମ ଯୋଗାଇ ଦେବା ପାଇଁ ଏ ବର୍ଷ ବଜେଟରେ ଅନ୍ୟୁନ୍ୟ ୧୦ ହଜାର କୋଟି ଟଙ୍କା ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। କେନ୍ଦ୍ରୀୟ ଶ୍ରମିକ ସଂଗଠନର ନିଷ୍ପତ୍ତି ଅନୁଯାୟୀ ଏବଂ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ସଭାପତି ଡଃ ସଂଜୀବା ରେଡ୍ଡିଙ୍କର ସର୍କୁଲାର ଅନୁଯାୟୀ ଆଗାମୀ ମଇ ୨୦ ତାରିଖ ୪ଟି ଲେବର କୋର୍ଡକୁ ଉଇଡ୍ରାଲ କରିବା ଓ ଅନ୍ୟାନ୍ୟ ଦାବୀକୁ ସମର୍ଥନ କରି ଧର୍ମଘଟ କରିବା ପାଇଁ ସୂଚନା ଦେବା ପାଇଁ ସମସ୍ତ ଅନୁବନ୍ଧିତକୁ ଯୋଗଦେବା ପାଇଁ ଅନୁରୋଧ କରାଯାଉଛି। ଓଡ଼ିଶା ରାଜ୍ୟରେ ମହିଳାମାନଙ୍କ ଉପରେ ଘନଘନ ଅତ୍ୟଚାର, ଶିଶୁ କନ୍ୟାଙ୍କ ଉପରେ ପାଶବିକ ଅତ୍ୟାଚାର ଓ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ଦୃଢ଼ ନିନ୍ଦାବାଦ କରାଯାଇ ଆଗାମୀ ୨୭ ତାରିଖରେ ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଡାକରା ଦିଆଯାଇଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମ ସମସ୍ତ ଆଇ.ଏନ୍.ଟି.ୟ.ସୁ କର୍ମଚାରୀମାନଙ୍କୁ ଯୋଗଦେବା ପାଇଁ ଆହ୍ୱାନ ଦିଆଯାଇଛି। ୨୦୨୨ ମସିହାରେ ଆନ୍ତର୍ଜାତିକ ଶ୍ରମିକ ସଂଗଠନ ସର୍ବସମସ୍ତ ପ୍ରସ୍ତାବ ଅନୁଯାୟୀ ସ୍ୱାସ୍ଥ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା ଓ ମୌଳିକ ଅଧିକାର ଦାବି ଭାବରେ ଗ୍ରହଣ କରିବା ପାଇଁ ସମ୍ବିଧାନ ସଂଶୋଧନ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ କରାଯାଇଛି।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ବେଆଇନ ପଥର ଖଣି ଉପରେ ଚଢାଉ, ମୁଖ୍ୟ ଆସାମୀ ଗିରଫ

ଖୋର୍ଦ୍ଧା (ପିଏନ)-ଖୋର୍ଦ୍ଧା ସଦର ମହକୁମା ଅନ୍ତର୍ଗତ କୁମାରବସ୍ତରେ ଚାଲୁଥିବା ବେଆଇନ ପଥର ଖଣି ଉପରେ ଗତ ମାସ ୧୮ ତାରିଖ ଦିନ ଶିଳ୍ପାଂଚଳ ଫାଣ୍ଡି ପୋଲିସ କର୍ମଚାରୀ ଚଢ଼ାଉ କରିଥିଲେ । ଏହି ଚଢାଉ ବେଳେ ୧ ଗୋଟି ଓଆର ୦୯ ଇ ୯୫୩୩ ନମ୍ବର ବିଶିଷ୍ଟ ପଥର ବୋଝେଇ ଟ୍ରକ,ଦୁଇଟି ପାୱାର ଟିଲର ଏବଂ ପଥର କାଟିବା ପାଇଁ ଯନ୍ତ୍ରାଂଶ ଜବତ କରିବା ସହ ମୁଖ୍ୟ ଅଭିଯୁକ୍ତ ଗଙ୍ଗପଡାର ଶ୍ରୀକାନ୍ତ ଯାଦବଙ୍କୁ ଗିରଫ କରିଛି। ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ୧୩/୨୨ରେ ଦଫା ୩୭୯/୩୪ ଆଇପିସି ସେକ୍ସନ ୫୧ ଓଏମଏମ ଆକ୍ଟରେ କେସ ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି ପୋଲିସ୍ ପକ୍ଷରୁ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

# ଭୋଗଡାରେ ୧୯ତମ ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ

ଖୋର୍ଦ୍ଧା (ପିଏନ) -ବେଗୁନିଆ ବ୍ଲକ ଅନ୍ତର୍ଗତ ପଙ୍ଗାରସିଂହ ପଂଚାୟତର ଭୋଗଡା ଗ୍ରାମ ତଳସାହିରେ ପବିତ୍ର ଦୋଳପୂର୍ଣ୍ଣିମା ଉପଲକ୍ଷେ ଗ୍ରାମବାସୀଙ୍କ ସହଯୋଗରେ ୧୯ତମ ରାଜ୍ୟସ୍ତରୀୟ ଓଡିଶୀ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମର ଆରାଧ୍ୟ ଦେବତା ରାଧାକାନ୍ତ ଦେବ, ଭଗବତ ଦେବ, ବାଲୁଙ୍କେଶ୍ୱର ଦେବ ଓ ମା ଡାହାଳିଆଣୀ ଦେବୀଙ୍କୁ ବିମାନରେ ସୁସଜ୍ଜିତ ସହ ଭକ୍ତିମୟ ପରିବେଶରେ ଶ୍ରଦ୍ଧାଳୁମାନେ ଗ୍ରାମ୍ୟ ପରିକ୍ରମା କରି ସଂକୀର୍ତ୍ତନ ମହୋତ୍ସବ ପୀଠରେ ବୈଦିକ ରୀତିନିତି ଅନୁଯାଇ ପୀଠରେ ଅବସ୍ଥାପିତ କରିଥାନ୍ତି। ଏହି ମହୋତ୍ସବରେ ଗାୟକ ଚକ୍ରଧର ପଣ୍ଡା,ନିତ୍ୟାନନ୍ଦ ସ୍ୱାଇଁ,ନାରାୟଣ ବାରିକ, ଦୁର୍ଗା ଚରଣ ମାର୍ଥା, ସୁବାସ ମହାତ୍ର ଓ ରାମାୟଣୀ ପ୍ରବଚକ ବୈଦ୍ୟନାଥ ମିଶ୍ର ପ୍ରମୁଖ ସଂକୀର୍ତ୍ତନ ପରିବେଷଣ କରିଥିଲେ ବୋଲି ଆୟୋଜକମାନଙ୍କ ଠାରୁ ପ୍ରକାଶ।

# ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ତ୍ରିନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ମନୋରଂଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଓ ସମାଜସେବୀ କାହ୍ନୁଚରଣ ଦାଶ ଅତିଥିଭାବେ ଯୋଗଦେଇ କହିଥିଲେ, ପ୍ରାଚୀନ କବି ଓ ସାହିତ୍ୟିକମାନେ ରଚନା କରିଥିବା ଓଡ଼ିଆ ଭାଷା ସାହିତ୍ୟ କାଳଜୟୀ । ଅଧିକରୁ ଅଧିକ ଓଡ଼ିଆ ପୁସ୍ତକ ଇଂରାଜୀରେ ଓ ଅନ୍ୟ ଭାରତୀୟ ଭାଷାରେ ଅନୁବାଦ ହେବା ଦ୍ୱାରା ଓଡ଼ିଆ ଭାଷା ସମୃଦ୍ଧି ହେବା ସହିତ ପାଠକ ଗୋଷ୍ଠୀ ନିକଟରେ ପହଞ୍ଚି ପାରିବାର ସାମର୍ଥ୍ୟ ହାସଲ କରୁଛି । ଏଭଳି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବା ଦ୍ୱାରା ଓଡ଼ିଆ ଜାତିର ଇତିହାସ ସର୍ବଭାରତୀୟ ସ୍ତରରେ ସୀକୃତ ଓ ସମ୍ମାନିତ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଗୋକର୍ଣ୍ଣିକା ସମ୍ପାଦକ ରମାକା' ଜେନା, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ସାହିତ୍ୟିକ ବେଣୁଧର ନାୟକ, ବ୍ୟଙ୍ଗ ଗାଳ୍ପିକ ସୁନାକର ସାହୁ, ସମାଜସେବୀ ଦୁର୍ଗାପ୍ରସନ୍ନ ଦାଶ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ଅଧ୍ୟାପକ ପ୍ରଶା' କୁମାର ସାହୁ, ଶିଶୁ ସାହିତ୍ୟିକ ଅକ୍ଷୟ କୁମାର ଦାଶ, କୃଷକନେତା ବସ' କୁମାର ପରିଡ଼ା, ଅଧ୍ୟାପକ ଗୋକର୍ଣ୍ଣେଶ୍ୱର ଦାଶ, କବି ସଂଗ୍ରାମ କେଶରୀ ଜେନା, ଅଧ୍ୟାପକ ପ୍ରଭାଷ ଚନ୍ଦ୍ର ଚୋଲ୍, କବି ସବିତା ମିଶ୍ର, ସସ୍ମିତା ଦାଶ, ସୁବାସ ଚନ୍ଦ୍ର ସାହୁ, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଯୁବନେତା ଉଗ୍ରସେନ ମହାି', ସ୍ୱେଚ୍ଛାସେବୀ ଦେବବ୍ରତ ରାଉତ ଓ ଅଧ୍ୟାପକ ବିଜୟ କୁମାର ନାୟକ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସଂପର୍କରେ ଆଲୋଚନା କରିଥିଲେ । ସାମ୍ବାଦିକ ସୀତାକାନ୍ତ ସାମଲ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଧନ୍ୟବାଦ ଦେଇଥିଲେ ।

# ମୋ ସହର

## ମାହେଶ୍ୱରୀ ସେନା ସମ୍ବଲପୁର ପକ୍ଷରୁ ଗୁଣ୍ଡିଖାଇ ଭେଟଘାଟ ଓ ବସନ୍ତ ମହୋତ୍ସବ ପାଳିତ



ଭୁବନେଶ୍ୱର,(ପି.ଏନ): ମାହେଶ୍ୱରୀ ସେନା ସମ୍ବଲପୁର ପକ୍ଷରୁ ୫୦ ଘର ଖଡୁରା ସମାଜଙ୍କୁ ନେଇ ଗୁଣ୍ଡିଖାଇ ଭେଟଘାଟ ଓ ବସନ୍ତ ମହୋତ୍ସବ ଓଡିଶା ସଂସ୍କୃତିକ ସମାଜ ଗୃହରେ ସନତ ସାହୁଙ୍କ ଆବାହନ ରେ ପାଳିତ ହେଲା, ଏଥିରେ ମୁଖ୍ୟ ଅଥିତି ଶ୍ରୀ ଟହାଲୁସାହୁ ଝାରସୁଗୁଡା,ମୁଖ୍ୟବକ୍ତା ଶ୍ରୀ କିଶୋର ସାହୁ ସମ୍ବଲପୁର,ମୁଖ୍ୟତିଥି, ପୁଷ୍କରାଜ ପାତ୍ର, ତାରାଚ୍ନ୍ଦ୍ର ପାତ୍ର, ସୀତାରାମପାତ୍ର, ଚୈତନ୍ୟ ପାତ୍ର, ଜଗବନ୍ଧୁ ସାହୁ, ରାଧେୟଶ୍ୟାମ ସାହୁ, ତୋପରାଜସାହୁ, ପଲ୍ଲବୀ ସାହୁ, ପର୍ଶୁରାମ ପାତ୍ର, ତ୍ରିଫୁଲ ପାତ୍ର, ସତତ୍ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ଏଥିରେ ଗୋକୁଳାନନ୍ଦ ପାତ୍ର ସଭାପତିତ୍ୱ କରିଥିଲେ ଓ ବିଭୁଦତ୍ତସାହୁ ସଂଯୋଜନା କରିଥିଲେ। ଏହି ପରିପେକ୍ଷି ରେ ପବ୍ଲିକ ଭଏସ ସମ୍ପାଦକ ଗୋପୀନାଥ ସାହୁ ସମାଜ ର ଉନ୍ନତି କିପରି ସମ୍ଭବ ସେଥି ପ୍ରତି ପଥ ପ୍ରଦର୍ଶନ କରି ଥିଲେ। ଏହି ସମ୍ମିଳନୀ ରେ ଗୀତାବାଦ୍ୟ ସାଙ୍ଗେ କବିତା ପାଠ ହୋଇ ଥିଲା ।କ୍ରିସନା ସାହୁ ଙ୍କୁ ଏହି ଉପଲକ୍ଷେ ଜାତିର ଗୌରବ ସମ୍ମାନ ରେ ସମ୍ମାନିତ କରାଯାଇଥିଲା।

## କାଠିଲଉଡିରେ କମ୍ପିଲା ସହର

ଜଗତସିଂହପୁର, (ପି ଏନ) : ଆମ ଅଧିକାର ପ୍ରତି ଆମେ ସଚେତନ ହେବା ଆବଶ୍ୟକ । ଏଥିପାଇଁ ଆମକୁ ସଙ୍ଗଠିତ ହେବାକୁ ପଡିବ । ମୋଟ ଜନସଂଖ୍ୟାର ପାଖାପାଖି ୨୦ ପ୍ରତିଶତ ଯାଦବ ଓଡ଼ିଶାରେ ବସବାସ କରନ୍ତି । ଜଗତସିଂହପୁର ଜିଲ୍ଲାରେ ମଧ୍ୟ ଆମର ସଂଖ୍ୟା ଅନ୍ୟମାନଙ୍କ ତୁଳନାରେ ସର୍ବାଧିକ । ତେଣୁ ଆମକୁ ଏବେ ଏକାଠି ହେବାର ସମୟ ଆସିଛି ବୋଲି ରବିବାର ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଯାଦବ ସମାବେଶ ଓ ଲଉଡ଼ି ମହୋତ୍ସବରେ ଅତିଥି ମାନେ ମତପ୍ରକାଶ କରିଛନ୍ତି । ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ଜିଲ୍ଲା ଯୁବ ଯାଦବ ମହାସଭାର ସଭାପତି ଆଇନଜୀବି ନରେଶ ଦାସ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଯାଦବ ନେତା ଚିତ୍ତରଞ୍ଜନ କଂସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଲୋକ କ୍ରାନ୍ତି ଅଭିଯାନର ଆବାହକ ଗୋବିନ୍ଦ୍ ଯାଦବ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିବା ଯାଦବ ନେତା ଅଶ୍ୱିନୀ ଦାସ,ପାଣ୍ଡବ କୁମାର ପ୍ରଧାନ, ପ୍ରସାଦ ଦାସ, ରବିନ୍ଦ୍ର ଦାସ ଓ ଉତ୍କଳ ଯାଦବ ମହାସଭାର କର୍ମକର୍ତ୍ତା ତୀର୍ଥବାସୀ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ।

## ବିଜେପି ପାରାଦୀପ ମଣ୍ଡଳର ନୂତନ କର୍ମକର୍ତ୍ତା ଘୋଷଣା : ସୁବ୍ରତ ପ୍ରଧାନ ପୁନର୍ବାର ସଭାପତି



ପାରାଦୀପ,(ପି.ଏନ): ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଓ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଅନୁମୋଦନ କ୍ରମେ ଶନିବାର ଦିନ ବିଜେପି ପାରାଦୀପ ମଣ୍ଡଳର ସଭାପତି ଭାବେ ପୁନର୍ବାର ସୁବ୍ରତ ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ସହ ନୂତନ ମଣ୍ଡଳ କମିଟି ଘୋଷଣା କରାଯାଇଛି । ଏହି କ୍ରମରେ ପାରାଦୀପ ମଣ୍ଡଳ ସଭାପତି ଭାବେ ସୁବ୍ରତ ପ୍ରଧାନ, ଉପସଭାପତି ଅର୍ଜିଲା ଶିବା, ଦିଲ୍ଲୀପ କିଶୋର ବେହେରା, ଶିଶିର ନାୟକ, ସର୍ବେଶ୍ୱର ଜେନା, ନନ୍ଦିନୀ ପରିଡା, କଳ୍ପନା ଦାସ, ସାଧାରଣ ସମ୍ପାଦକ କାୟିଟି ସୋଲମୋନ ରାଜୁ, ବଜରଙ୍ଗ ସ୍ୱାଇଁ, ସମ୍ପାଦକ ବିଷ୍ଣୁ ଚୌଧୁରୀ, ଜିତେନ୍ଦ୍ର ସାହୁ, ମନୋରଞ୍ଜନ ସାହୁ, ହୃଷିକେଶ ଦାସ, ମିନାକ୍ଷୀ ବେହେରା, ବିଜୟଲକ୍ଷ୍ମୀ ପରିଜା, କୋଷାଧକ୍ଷ ମାମୁନି ଜେନା, ଯୁବମୋର୍ଚ୍ଚା ସଭାପତି ଭାବେ ଦିଲ୍ଲୀପ ବଳିୟାରସିଂ, ମହିଳାମୋର୍ଚ୍ଚା ସଭାନେତ୍ରୀ ପ୍ରୀତିରେଖା ମାନ୍ନା, ଏସଟି ମୋର୍ଚ୍ଚା ସଭାପତି ଶ୍ରୀଧର ଛାତର, ଏସସି ମୋର୍ଚ୍ଚା ସଭାପତି ରଞ୍ଜନ ବେହେରା, ଓବିସି ମୋର୍ଚ୍ଚା ସଭାପତି ଗୌରାଙ୍ଗ ମଣ୍ଡଳ ଓ ସଂଖ୍ୟାଲଘୁ ସେଲର ସଭାପତି ଅବଦୁଲ ଅନିଶ ଖାନଙ୍କ ନାମ ଘୋଷଣା କରାଯାଇଛି।

## ୨୨ତମ ଜାତୀୟ ନାଟ୍ୟ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ଲୁହର ରଙ୍ଗ'

ଭୁବନେଶ୍ୱର,(ପି.ଏନ): ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଜୟଦେବ ସଦନ ଠାରେ ଆୟୋଜିତ କ୍ୟାନଫେଷ୍ଟ - ୨୦୨୫ର ୬ଷ୍ଠ ସନ୍ଧ୍ୟାରେ ଜାଗରଣ ଆର୍ଟ ଇଣ୍ଟରନେସନାଲ ଦେଓଗଡ଼ର କଳାକାର ମାନେ ସୁଜିତ୍ କୁମାର ପାତ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ କରିଥିଲେ ଓଡ଼ିଆ ନାଟକ ଲୁହର ରଙ୍ଗ । ସ୍ତ୍ରୀକୁ ହରାଇଥିବା ଜଣେ ପ୍ରବୀଣ ଚିତ୍ରକର ରାଇମୋହନ ପ୍ରାୟତଃ ରଙ୍ଗ ଓ ତୂଳୀ ଛାଡ଼ି ଦେଇ ହାତରେ ମଦ ବୋତଲ ଧରି ଅକାଳରେ ବିଧବା ହୋଇଥିବା ଝିଅର ଶାଶୁ ଘରୁ ଅପ୍ରତ୍ୟାଶିତ ଫେରିବା ଦେଖି ନିରାଶ ହୋଇଛନ୍ତି । ସେ ସର୍ବଦା ତାଙ୍କ ବିଧବା ଝିଅ କଳ୍ପନାଙ୍କ ଭଙ୍ଗା ଜୀବନକୁ ପୁନଃସ୍ଥାପନ କରିବା ଓ ତାଙ୍କ ଝିଅକୁ ଏକ ଉପଯୁକ୍ତ ଜୀବନସାଥି ଯୋଗାଇବା ବିଷୟରେ ଚିନ୍ତା କରନ୍ତି । ଏହି ସମୟରେ ଯୁବ ଚିତ୍ରଶିଳ୍ପୀ ଅବିନାଶ ଗୁରୁ ରାଇମୋହନଙ୍କ ପରିବାର ସଂସ୍ପର୍ଶରେ ଆସନ୍ତି ଓ ଅବିନାଶ ଏବଂ କଳ୍ପନା ପ୍ରେମରେ ପଡି ଯାଆନ୍ତି । ଅବିନାଶ ତାଙ୍କ ବନ୍ଧୁ ଅଭିଷେକ ସମ୍ମୁଖରେ ଗୁପ୍ତ ଭାବରେ ତାଙ୍କ ପ୍ରେମ ସମ୍ବନ୍ଧରେ ପ୍ରକାଶ କରନ୍ତି । ଅଭିଷେକ ଏହି କଥା ରାଇମୋହନଙ୍କୁ କହି ପାରିଲେ ନାହିଁ । ଏହି ସମୟରେ ରାଇମୋହନଙ୍କ ପଡୋଶୀ ପ୍ରବଚ୍ଚକ ଦିଲୀପ ବାବୁ ତାଙ୍କ ସାନ ଝିଅକୁ ମାତୃତ୍ୱର ସ୍ନେହ ପ୍ରଦାନ କରିବା ପାଇଁ କଳ୍ପନାଙ୍କୁ ବିବାହ କରିବାକୁ ରାଜି ହୁଅନ୍ତି । ଅବିନାଶଙ୍କ ହୃଦୟ ଭାଙ୍ଗି ଯାଏ ଓ ସେ ହତାଶାରେ ଭୁବନେଶ୍ୱର ଚାଲି ଯାଆନ୍ତି । ସେ ତାଙ୍କ ଚିତ୍ରକଳା ପାଇଁ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ପୁରସ୍କାର ପାଆନ୍ତି । ତା ପରେ ପରିସ୍ଥିତି ଭିନ୍ନ ମୋଡ଼ ନିଏ । ଦିଲୀପ ବାବୁ ଚାକିରିରୁ ଇସ୍ତଫା ଦିଅନ୍ତି ଏବଂ ଝିଅ ମିନିର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ସେ ବୃନ୍ଦାବନ ଚାଲିଯାଆନ୍ତି । ଏପରି ଏକ ଗମ୍ଭୀର ସମୟରେ କଳ୍ପନା ସମସ୍ତଙ୍କୁ ହରାଇ ନିରାଶ ହୋଇ ଆତ୍ମହତ୍ୟା କରନ୍ତି । ଅବିନାଶ ରାଇମୋହନଙ୍କ ଝିଅ ସହିତ ତାଙ୍କର ସମ୍ପର୍କ ବିଷୟରେ ତାଙ୍କର ପୂର୍ବ କଳ୍ପିତ ଉଦ୍ଦେଶ୍ୟ ପ୍ରକାଶ କରନ୍ତି । ରାଇମୋହନ ଶୁଣି ଦୁଃଖିତ ହୁଅନ୍ତି ଓ ଲୁହରେ ଦାଗ ହୋଇଥିବା ବ୍ରସ୍ ଅବିନାଶଙ୍କୁ ଦିଅନ୍ତି । ସେ ତାଙ୍କୁ କଳ୍ପନାଙ୍କ କପାଳରେ ସିନ୍ଦୂର ଲଗାଇବାକୁ ଅନୁମତି ଦିଅନ୍ତି । ନାଟକରେ କଳାକାର ମାନଙ୍କର ନିଖୁଣ ଅଭିନୟ ଦର୍ଶକ ମାନଙ୍କୁ ଅନେକ ସମୟ ଧରି ବାନ୍ଧି ରଖିଥିଲା । ଅତିଥି ଭାବେ ଯୋଗଦାନ କରି ବନ୍ଦରର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବି ବି ଦାସ, ଜଗନ୍ନାଥ ଲଳିତ କଳା ସଂସଦର ସଭାପତି କ୍ୟାପଟେନ ଅଲେଖ ସାହୁ କଳାକାରମାନଙ୍କୁ ସମ୍ମାନିତ କରିଥିଲେ । ୭ମ ସନ୍ଧ୍ୟାରେ ବେଙ୍ଗଲ ରିପରଟରୀ, କଲିକତାର କଳାକାର ମାନେ ସୁମନ ଶାହାଙ୍କ ନିର୍ଦ୍ଦେଶନାରେ ବଙ୍ଗଳା ନାଟକ କଥା କର୍ଣ୍ଣଭାର ମଞ୍ଚନ କରିବେ ।

## ରାଉଳପାଟଣା ପାଣିଛତ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ଅଭିଯୋଗ



କୋଣାର୍କ,(ପି ଏ ନ): କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନରେ ଥିବା ରାଉଳପାଟଣା ପାଣିଛତ୍ର ନୟାହାଟ ରାସ୍ତା ଉନ୍ନତିକରଣ କାର୍ଯ୍ୟର କଲଭେଟ ଓ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ନିର୍ମାଣ କରାଯାଉଛି ବୋଲି ସ୍ଥାନୀୟ ଗ୍ରାମବାସୀ ବିରୋଧ କରି ଅଭିଯୋଗ କରିଛନ୍ତି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ନିର୍ମାଣ ଓ ଶେଷ କରିବା ପାଇଁ ଯେଉଁ ଚୁକ୍ତି ହୋଇଛି ତାହାକୁ ଖାତିର କରୁନାହାନ୍ତି ଠିକାଦାର। ସେଥିପାଇଁ ଜଣସାଧାରଣ ଯାତାୟାତ ପାଇଁ ଅସୁବିଧା ହେଉଛି। ବିନା ସୂଚ୍ନା ଫଳକରେ ମଧ ହେଉଛି ନିର୍ମାଣ କାର୍ଯ୍ୟ। ବିନା ରଡ଼ରେ କରାଯାଉଛି କଂକ୍ରିଟ କାର୍ଯ୍ୟ ନା ଗାର୍ଡୱାଲରେ ରହିଛି ରଡ଼ ନା କଲଭେଟ ନିର୍ମାଣରେ ରହିଛି ରଡ଼। ତା ସହିତ ମାଟିକୁ ଅଳ୍ପ ଖୋଳି ନିର୍ମାଣ ହେଉଛି ଗାର୍ଡୱାଲ। ଗାର୍ଡୱାଲରେ ନାହିଁ ହୋଲ। ସିମେଣ୍ଟ ଗୋଡି ଓ ବାଲି ର ଭାଗ ମାପ ନିମ୍ନମାନ କରି ନିର୍ମାଣ କାର୍ଯ୍ୟ କରାଯାଉଛି। ବିନା ଭାଇବେଟରରେ ନିର୍ମାଣ ହେଉଛି କଂକ୍ରିଟ କାର୍ଯ୍ୟ। ଗାର୍ଡୱାଲରେ ଫିଲିଙ୍ଗ ପାଇଁ ବାଲି ଡଷ୍ଟ ମହରମ ଉଦ୍ଦିଷ୍ଟ ଥିବାବେଳେ ପୋଚ୍ଚା ପଙ୍କ ଫିଲିଙ୍ଗ କରାଯାଉଛି। ଯାହା ଫଳରେ ରାସ୍ତା ଦବିବା ସହିତ ୱାଲ ଭୁଶୁଡି ଯିବାର ସମ୍ଭାବନା ରହିଛି। ପ୍ରକଳ୍ପର କାର୍ଯାବଳି ଅନୁଯାୟୀ କୌଣସି କାର୍ଯ୍ୟ ହେଉନାହିଁ। ନିୟମାବଳୀ ଓ ନିର୍ମାଣକାର୍ଯ୍ୟକୁ ଯଦି ପରଖଯାଏ କାହା ସହିତ କାହାର ତାଳ ମେଳ ଖାଉନି। ଏଥିରୁ ପ୍ରକାଶ ଯେ ଗ୍ରାମ୍ୟ ନିର୍ମାଣ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜାଣତରେ ନିମ୍ନମାନର କାର୍ଯ୍ୟ ହେଉଛି। ଠିକାଦାର ଓ ଅଧିକାରୀଙ୍କ ମିଳିଭଗତରେ ଚ଼ାଲିଛି ନିର୍ମାଣ କାର୍ଯ୍ୟ। ଏଥିପାଇଁ ଜନସାଧାରଣ ଯାତାୟାତ ପାଇଁ ହେଉଥିବା ନିର୍ମାଣ କାର୍ଯ୍ୟ କେତେଦୂର ସୁରକ୍ଷା ଜନକ ତାହା ସାଧାରଣରେ ପ୍ରଶ୍ନବାଚ୍ଚୀ ସୃଷ୍ଟି ହେଉଛି। ଏହି ନିମ୍ନମାନର କାର୍ଯ୍ୟ ପାଇଁ ବିଭିନ୍ନ ରାଜନୈତିକ ମହଲ, ବୁଦ୍ଧିଜୀବି ଓ ନୟାହାଟ ର ପୂର୍ବତନ ମଣ୍ଡଳ ସଭାପତି ଦୀନକୃଷ୍ଣ ମହାନ୍ତି ଓ ବର୍ତ୍ତମାନର ମଣ୍ଡଳ ସଭାପତି ରକ୍ତତପଳାନାୟକ ଘୋର ନିନ୍ଦା କରିବା ସହିତ କାର୍ଯ୍ୟକୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ରାସ୍ତାରୋକ କରାଯିବ ବୋଲି ମଣ୍ଡଳ ସଭାପତି ଚେତାବନୀ ଦେଇଛନ୍ତି। ସୂଚ୍ନା ଥାଉକି ୨୦୨୪ ମସିହା ଏପ୍ରିଲ ମାସରେ ସାମାଜିକ କର୍ମୀ ଜ୍ଞାନ ରଞ୍ଜନ ବିଶ୍ୱାଳ ରାସ୍ତା ଅବସ୍ଥା ଶୋଚ୍ନୀୟ ନେଇ ଏକ୍ସ ମାଧ୍ୟମରେ ଅଭିଯୋଗ କରିଥିଲେ। ସେତେବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାର କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ ବୋଲି ପ୍ରତି ଉତ୍ତର ମିଳିଥିଲା। ବର୍ଷ ? ପୁରିଥିଲେ ମଧ୍ୟ ଠିକାଦାର କେବଳ ଠାଏ ଠାଏ ଗାର୍ଡ ୱାଲ୍ ନିର୍ମାଣ କରୁଛନ୍ତି। ରାସ୍ତା କାର୍ଯ୍ୟ ଆରମ୍ଭ ହୋଇନି। ଗାର୍ଡ ୱାଲ୍ କାର୍ଯ୍ୟ ଆତ୍ୟନ୍ତ ନିମ୍ନ ମାନର ହେଉଥିବା ବେଳେ ରାସ୍ତା ରେ କଚ୍ଚଡା ପଙ୍କ ପକା ଯାଇ ପୂରଣ କରାଯାଉଅଛି। ଯାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ନିମ୍ନ ମାନର କାର୍ଯ୍ୟ ସହ ଅତ୍ୟନ୍ତ ଦୟନୀୟ କାର୍ଯ୍ୟ ପାଇଁ ଯନ୍ତ୍ରୀ ମଧ୍ୟ ଦାୟୀ ବୋଲି ଅଭିଯୋଗ ହେଉଛି। ଏନେଇ ଗ୍ରାମ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Tuesday March 25 | ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୨୫, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# କିଟ୍, କିସ୍ ପରିଦର୍ଶନରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରତିନିଧିମଣ୍ଡଳ

ଭୁବନେଶ୍ୱର, (ପି.ଏନ): ମାର୍ଚ୍ଚ ୧୯ ତାରିଖରୁ ୧୦ ଦିନିଆ ଶୈକ୍ଷିକ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ କିଟ୍, କିସ୍ ପରିଦର୍ଶନ କରିଛନ୍ତି। ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରିବା ସହ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଏହି ପ୍ରତିନିଧିମଣ୍ଡଳ ପ୍ରଥମ ଦିନରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାବ ବିନିମୟ କରିଥିଲେ। ଦୀର୍ଘ ଦେଢ଼ ଘଣ୍ଟା କାଳ ସେମାନେ କିଟ୍, କିସ୍ ଓ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ବିଷୟରେ ବ୍ୟାପକ ଆଲୋଚନା କରିବା ସହ ଓଡ଼ିଶାର ଶିକ୍ଷା, କଳା ଓ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତଙ୍କ ସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ରହିଥିଲା।



ଏଥିରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଖତର ବାଦଶାହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୱାଶିଂଟନ୍ ବିଶ୍ୱବିଦ୍ୟାଳୟ- ବୋଥେଲର ୧୧ଜଣ ଛାତ୍ରଛାତ୍ରୀ ଏବଂ ୨ଜଣ କିଟ୍ ମ୍ୟାନେଜମେଣ୍ଟ ସ୍କୁଲର ୧୧ ଛାତ୍ରଛାତ୍ରୀଙ୍କ ମିଶି ଏକ ପ୍ରକଳ୍ପରେ ତାଲିମ୍ ଗ୍ରହଣ କରିବେ। ଏହା ସହିତ ୫ଜଣ ଅଧ୍ୟାପକ କିଟ୍ ଓ କିସ୍‌ରେ ଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ନିୟୋଜିତ ହେବା ସହ ଶ୍ରେଣୀଗୃହ ଶିକ୍ଷାଦାନ ଓ ଶୈକ୍ଷିକ ଆଲୋଚନାରେ ଭାଗ ନେବେ। ପ୍ରଥମ ଥର ଲାଗି ଆମେରିକାର ଏକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ କିଟ୍ ଓ କିସ୍ ଛାତ୍ରଛାତ୍ରୀ ତଥା ଅଧ୍ୟାପକଙ୍କ ଜ୍ଞାନ ବିନିମୟ ଓ ଶୈକ୍ଷିକ କାର୍ଯ୍ୟକ୍ରମରେ ଯୋଗଦେବା କିଟ୍ ଓ କିସ୍ ପାଇଁ ଗୌରବର ବିଷୟ।

# ଛତୁଆ ନୁହେଁ ଅଟା ଓ ବେସନ ମିଶ୍ରିତ ଖାଦ୍ୟ ଖାଇ ୨ ଶିଶୁ କନ୍ୟା ମୃତ





ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ୍ ତଥା ରାମଗିରି ଥାନା ନିକଟ ଡେମାକୁଟି ସାହିରେ ଗତକାଲି ଛତୁଆ ଖାଇ ଦୁଇ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଥିବା ଖବର ବେଶ ଚାଞ୍ଚଲ୍ୟ ସୃଷ୍ଟି କରିଛି. ଆଜି ସୋମବାର ଏହି ଘଟଣା ନେଇ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ କହିଛନ୍ତି ଛତୁଆ ନୁହେଁ ଅଟା ଓ ବେସନ ମିଶ୍ରିତ ଖାଦ୍ୟ ଖାଇବା ପରେ ଏହି ପରିବାରର ୪ ଜଣ ଗୁରୁତର ହୋଇଥିଲେ ଓ ୨ ଭଉଣୀଙ୍କ ମୃତ୍ୟୁ ହୋଇଛି।ଗତ ୨୦ ତାରିଖ ଦିନ ଅଙ୍ଗନବାଡ଼ି କେନ୍ଦ୍ରରୁ ଅଟା ଓ ବେସନ ମିଶ୍ରିତ ଖାଦ୍ୟ ଏମାନେ ଆଣିଥିଲେ. ଗତକାଲି ରବିବାର ଏହାକୁ ଖାଦ୍ୟ ପ୍ରସ୍ତୁତ କରି ଖାଇବା ପରେ ୨ ଭଉଣୀଙ୍କ ମୃତ୍ୟୁ ହେବା ପରେ ୨ ଜଣ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିଲେ. ଆଜି ଏହି ୨ ଜଣ ବିପଦମୁକ୍ତ ଥିବା ଜଣାଯାଇଛି। ହେଲେ ଘଟଣା ନେଇ ସମ୍ପୃକ୍ତ ଅଞ୍ଚଳକୁ ଗଜପତି ପ୍ରଶାସନ ତରଫରୁ ଏକ ସ୍ୱତନ୍ତ୍ରଟିମ ପଠାଯାଇଛି।ଗଜପତି ଏଡିଏମଙ୍କ ନେତୃତ୍ୱରେ ଉପଜିଲ୍ଲାପାଳ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଘଟଣା ସ୍ଥଳକୁ ଯାଇ ସବୁକିଛି ଅନୁଧାନ କରିଛନ୍ତି। ଅନୁଧାନ କରିବା ପରେ ଜଣାଯାଇଛି ଯେ ଛତୁଆ ନୁହେଁ ଅଟା ଓ ବେସନ ମିଶ୍ରିତ ଖାଦ୍ୟ ଖାଇବା ପରେ ଏମାନେ ଗୁରୁତର ହୋଇଥିଲେ। ଗତକାଲିର ଖାଦ୍ୟ ସାମଗ୍ରୀର ଆବଶ୍ୟକ ପରୀକ୍ଷା କରାଯାଉଛି। ଏହି ଅଟା ଓ ବେସନ ମିଶ୍ରିତ ଖାଦ୍ୟ ସେହି ଅଞ୍ଚଳରେ ଅନ୍ୟମାନଙ୍କୁ ଦିଆଯାଇଛି। ଏହାକୁ ଅନ୍ୟମାନେ ବ୍ୟବହାର କରିଛନ୍ତି।ହେଲେ କାହାରି ଏଭଳି ଗୁରୁତର ଅବସ୍ଥା ହୋଇନାହିଁ।ଏଣୁ ଅଟା ଓ ବେସନ ମିଶ୍ରିତ ଖାଦ୍ୟରେ ଅନ୍ୟ କିଛି ମିଶି ବିଷାକ୍ତ ହେଲା ସେ ନେଇ ଆବଶ୍ୟକ ପରୀକ୍ଷା ଓ ତଦନ୍ତ ଆଦି ଜାରି ରହିଛି. ଏହାର ସବିଶେଷ ତଥ୍ୟ ଆସିବା ପରେ କେଉଁ କାରଣରୁ ଏଭଳି ହେଲା ତାହା ସ୍ପଷ୍ଟ ହେବ। ସୂଚନାଯୋଗ୍ୟ, ଗତକାଲି ମୃତ୍ୟୁବରଣ କରିଥିବା ୨ ଶିଶୁ କନ୍ୟା ହେଲବ ତୁଳସୀ ବଡ଼ମୁଣ୍ଡି (୫) ଓ ଗୁଣବତୀ ବଡ଼ମୁଣ୍ଡି (୩)। ଏଥିସହ ଗୁରୁତର ହୋଇଥିଲେ ବାପା ଅର୍ଜୁନ ବଡ଼ମୁଣ୍ଡି (୫୫) ଓ ବଡ଼ ଭଉଣୀ ସୁମିତ୍ରା (୧୨). ଏମାନଙ୍କୁ ପ୍ରଥମେ ରାମଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ହେଲେ ଏମାନଙ୍କ ମଧ୍ୟରୁ ୨ ଶିଶୁକନ୍ୟା ତୁଳସୀ ଓ ଗୁଣବତୀଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ଘଟଣା ପ୍ରଚାର ହେବା ପରେ ସମଗ୍ର ଗଜପତି ଜିଲ୍ଲାରେ ଏନେଇ ସର୍ବସାଧାରଣରେ ଉଦବେଗ ପ୍ରକାଶ ପାଇଛି।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବଜେଟରେ ଶ୍ରମିକ କର୍ମଚାରୀମାନଙ୍କ ପାଇଁ ଯଥେଷ୍ଟ ଅନୁଦାନ ନାହିଁ

ଭୁବନେଶ୍ୱର,(ପି.ଏନ): ଚଳିତ ବର୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଜେଟରେ ଯଥେଷ୍ଟ ପରିମାଣରେ ଶ୍ରମିକ ମାନଙ୍କ ପାଇଁ ଅନୁଦାନ ନାହିଁ। ଦେଶରେ ଭୋଟ ସଂଖ୍ୟାର ୫୭.୦୩ ପ୍ରତିଶତ ଶ୍ରମିକ ହୋଇଥିଲାବେଳେ ଚଳିତ ବର୍ଷ କେନ୍ଦ୍ର ବଜେଟରେ ପ୍ରଶାସନିକ ଖର୍ଚ୍ଚ ଏବଂ ବିଭିନ୍ନ ପ୍ରକଳ୍ପ ସମେତ ପ୍ରାୟ ୨୬ ହଜାର କୋଟି ଟଙ୍କା ଦିଆଯାଇଛି। ସେହିପରି ରାଜ୍ୟରେ ସର୍ବମୋଟ ୧ କୋଟି ୫୦ ଲକ୍ଷ ଶ୍ରମିକ ଥିଲାବେଳେ ଏବଂ ରାଜ୍ୟରୁ ୧ କୋଟି ଶ୍ରମିକ ପ୍ରବାସୀ ଶ୍ରମିକ ଭାବେ ନିଯୁକ୍ତି ଓ ରୋଜଗାର ପାଇଁ ବାହାରକୁ ଯାଉଥିଲାବେଳେ, ରାଜ୍ୟ ଶ୍ରମ ବିଭାଗରେ ୩୭୩.୨୨ ଟଙ୍କାର ବଜେଟ ଅଟକଳ କରାଯାଇଛି। ପ୍ରବାସୀ ଶ୍ରମିକ ଓ ଅସଂଗଠିତ ଶ୍ରମିକଙ୍କର ମଙ୍ଗଳ ଓ ସାମାଜିକ ସୁରକ୍ଷା ପାଇଁ କୌଣସି ଅର୍ଥ ବ୍ୟବସ୍ଥା କରାଯାଇନାହିଁ ଏବଂ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ, ଚକିତ୍ସା ଓ ସାମାଜିକ ସୁରକ୍ଷା ୧୯୯୫ ଭବିଷ୍ୟନିଧି ପେନସନ୍ ପାଇଁ କେନ୍ଦ୍ର ସରକାରଙ୍କ ବଜେଟରେ ଅନୁଦାନ ଦିଆଯାଇନାହିଁ ବୋଲି ଗତକାଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ କେନ୍ଦ୍ର ଓ ରାଜ୍ୟ ବଜେଟ ଉପରେ ଏକ ଆଲୋଚନାଚକ୍ରରେ ପୌରହିତ କରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ. ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାର ବଜେଟ ଉପରେ ତୀବ୍ର ସାମଲୋଚନା କରିବା ସହିତ ରାଜ୍ୟ ଓ କେନ୍ଦ୍ରରେ ଜି.ଏସ୍.ଟି., ଇନ୍‌କମ୍ ଟ୍ୟାକ୍ସ, ଏକ୍ସସାଇଜ୍ ଟ୍ୟାକ୍ସ ଓ ଭ୍ୟାଟ୍‌ର ଟିକସ ସାଧାରଣ ଲୋକଙ୍କ ଠାରୁ ଆଦାୟ କରାଯାଉଥିଲାବେଳେ ଏବଂ ଓଡ଼ିଶାରୁ ଖଣିରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସେସ୍ ଓ ସର୍ଚ୍ଚାସ ଭାବରେ ପର୍ଯ୍ୟାପ୍ତ ପରିମାଣରେ



ପାଉଥିଲାବେଳେ କର୍ପୋରେଟ୍ ସେକ୍ଟରରୁ ଟ୍ୟାକ୍ସରେ ରିହାତି ଦିଆଯାଉଛି ଏବଂ ବିଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ଲକ୍ଷ ଲକ୍ଷ କୋଟି ଟଙ୍କା ବ୍ୟାଙ୍କ ଋଣ ଛାଡ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବ୍ୟାଙ୍କ ଓ ଘରୋଇ ବଜାରରୁ ଋଣ ନେଇ ବଜେଟର କଳେବର ବୃଦ୍ଧି କରୁଛନ୍ତି। ଯାହା ସାଧାରଣ ଲୋକ, ଶ୍ରମିକ କର୍ମଚାରୀଙ୍କ ଉପରେ ସୁଧର ବୋଝ ବଢୁଛି। ବିଶିଷ୍ଟ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ଏହି ସଭାରେ ରାଜ୍ୟ ଓ କେନ୍ଦ୍ର ସରକାର ବଜେଟକୁ ତୀବ୍ର ସାମଲୋଚନା କରିବା ସହିତ ସାଧାରଣ, ଜନସାଧାରଣ, ଶ୍ରମିକ କର୍ମଚାରୀ, ସାମ୍ବାଦିକ, ଯୁବକ, ଛାତ୍ର ଓ ମହିଳା ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଏଭଳି ବଜେଟକୁ ପ୍ରତ୍ୟାଖାନା କରିବା ପାଇଁ ଓ ରାଜ୍ୟ, ଦେଶର ଗୁରୁତ୍ୱପୂର୍ଣ୍ଣ ଘଟଣାବଳିରୁ ସାମିଲ ହେବା ଆବଶ୍ୟକ ବୋଲି କହିଛନ୍ତି। ଏହି ଆଲୋଚନାଚକ୍ର ପ୍ରାରମ୍ଭରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ କିଶୋର ଜେନା ସ୍ୱାଗତ ଭାଷଣ ଦେଇଥିଲେ ଓ ଉପସଭାପତି ମଦନ ମୋହନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଶାନ୍ତ ମହାପାତ୍ର, ବିଦ୍ୟାଧର ମହାନ୍ତି, ଦେବାଶିଷ ଘୋଷ, ଜିଲ୍ଲା ସଭାପତି ସନ୍ତୋଷ ଭୋଳ, ଯୁଗ୍ମ ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ, ସଭାନେତ୍ରୀ ପ୍ରଣତି ମିଶ୍ର, ସମ୍ପାଦକ ସତ୍ୟାନନ୍ଦ ସାହୁ, ପ୍ରଦିପ୍ତ କୁମାର ଦାସ, ଧରଣୀଧର ସ୍ୱାଇଁ, ଅଯୋଧ୍ୟା ସାହୁ, ବିଜୟ ଦ୍ୱିବେଦୀ, ସୁଧାଂସୁ ମହାନ୍ତି, ପୂର୍ବତନ ଯୁବ ସଭାପତି ବିଷ୍ଣୁ ମୋହନ ରଥ, ଚିନ୍ମୟ ସୁନ୍ଦର ହୋତା, ବିମଳ ପ୍ରଧାନ, ସୁଶିଲ ବେହେରା, ପ୍ରଭାତ ମୋଟାଲୀ, ରୁନା ନାୟକ, ସୁଚୀତ୍ରା ଦାସ, ସିଲି ସେଠୀ, ଯବାମଣି ଟୁଡୁ, ବାସନ୍ତୀ ସାମଲ, ସାଗରୀକା ବାରିକ, କାମେନୀ ମହାରଣା, ତପତୀ ଦତ, ସୁପ୍ରଭା ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କାର୍ଯ୍ୟକାରିଣୀ କମିଟିର ବିଶେଷ ବୈଠକ ଓ ଆଲୋଚନାଚକ୍ରରେ କେନ୍ଦ୍ର ସରକାର ୧୯୯୫ ମସିହାକୁ ଭବିଷ୍ୟନିଧି ପେନସନକୁ ୯ ହଜାର ଟଙ୍କା ବୃଦ୍ଧି କରିବା ଓ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପୁରୁଣା ପେନସନକୁ ପୁନଃରାଧୁର କରିବା, ଜଙ୍ଗଲ, କୃଷି, ଗିଗ୍ ଓ କର୍ମଚାରୀଙ୍କ ପାଇଁ ବିଶେଷ ସାମାଜିକ ସୁରକ୍ଷା ତଥା ସମସ୍ତ ଅସଂଗଠିତ କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ପାଇଁ ଅର୍ଥବ୍ୟବସ୍ଥା ଦାବି କରାଯାଇଛି। ସେହିପରି ଓଡ଼ିଶା ରାଜ୍ୟ ସରକାର ଅସଂଗଠିତ ଶ୍ରମିକଙ୍କର ଶ୍ରମ ମଙ୍ଗଳ ବୋର୍ଡକୁ କାର୍ଯ୍ୟକରିବା ପାଇଁ ଏବର୍ଷ ବଜେଟରେ ୫୦୦୦ କୋଟି ଟଙ୍କା ଓ ୧ କୋଟି ପ୍ରବାସୀ ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ ଓ ସେମାନଙ୍କୁ କାମ ଯୋଗାଇ ଦେବା ପାଇଁ ଏ ବର୍ଷ ବଜେଟରେ ଅନ୍ୟୁନ୍ୟ ୧୦ ହଜାର କୋଟି ଟଙ୍କା ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। କେନ୍ଦ୍ରୀୟ ଶ୍ରମିକ ସଂଗଠନର ନିଷ୍ପତ୍ତି ଅନୁଯାୟୀ ଏବଂ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ସଭାପତି ଡଃ ସଂଜୀବା ରେଡ୍ଡିଙ୍କର ସର୍କୁଲାର ଅନୁଯାୟୀ ଆଗାମୀ ମଇ ୨୦ ତାରିଖ ୪ଟି ଲେବର କୋର୍ଡକୁ ଉଇତ୍ରାଲ କରିବା ଓ ଅନ୍ୟାନ୍ୟ ଦାବୀକୁ ସମର୍ଥନ କରି ଧର୍ମଘଟ କରିବା ପାଇଁ ସୂଚନା ଦେବା ପାଇଁ ସମସ୍ତ ଅନୁବନ୍ଧିତକୁ ଯୋଗଦେବା ପାଇଁ ଅନୁରୋଧ କରାଯାଉଛି। ଓଡ଼ିଶା ରାଜ୍ୟରେ ମହିଳାମାନଙ୍କ ଉପରେ ଘନଘନ ଅତ୍ୟଚାର, ଶିଶୁ କନ୍ୟାଙ୍କ ଉପରେ ପାଶବିକ ଅତ୍ୟାଚାର ଓ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ଦୃଢ଼ ନିନ୍ଦାବାଦ କରାଯାଇ ଆଗାମୀ ୨୭ ତାରିଖରେ ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଡାକରା ଦିଆଯାଇଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମ ସମସ୍ତ ଆଇ.ଏନ୍.ଟି.ୟ.ସୁ କର୍ମଚାରୀମାନଙ୍କୁ ଯୋଗଦେବା ପାଇଁ ଆହ୍ୱାନ ଦିଆଯାଇଛି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

# ଡ଼.ରାମ ମନୋହର ଲୋହିଆ ଓ ଭଗତ୍ ସିଂଙ୍କ ଶହୀଦ ଦିବସ ପାଳିତ

ବ୍ରହ୍ମପୁର, (ପି.ଏନ): ସହରର ଅଗ୍ରଣୀ ବୁଦ୍ଧିଜୀବୀ ଅନୁଷ୍ଠାନ ଭଗତ -ଲୋହିଆ। ବିଚାର ମଞ୍ଚ ପକ୍ଷରୁ ସ୍ଥାନୀୟ ନବୀନ ଭବନ ଠାରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୨୩ ତାରିଖ ୧୯୧୦ମସିହାରେ ଡ଼. ରାମ ମନୋହର ଲୋହିଆ। ଉତ୍ତର ପ୍ରଦେଶର ଆକବରପୁର ଠାରେ ଜନ୍ମ ଗ୍ରହଣ କରିଥିଲେ। ମହାତ୍ମା ଗାନ୍ଧିଙ୍କ ଭାରତ ଛାଡ଼ ଆନ୍ଦୋଳନର ଡାକରା କ୍ରମେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ସେ ସମାଜବାଦ ଓ ସାମାଜିକ ନ୍ୟାୟର ପ୍ରତିଷ୍ଠା ପାଇଁ ଆଜୀବନ ଲଢେଇ କରିଛନ୍ତି ଯୁଦ୍ଧ ବିରୁଦ୍ଧରେ ବକ୍ତବ୍ୟ ପ୍ରଦାନରୁ ଡ଼. ଲୋହିଆଙ୍କୁ ୧୯୪୦ମସିହାରେ ଗିରିଫ କରାଯାଇଥିଲା। ଭାରତ ଛାଡ଼ ଆନ୍ଦୋଳନର ନେତୃତ୍ୱ ନେଲାବେଳେ ୧୯୪୪ମସିହାରେ ତାଙ୍କୁ ପୁଣି ଗିରିଫ କରାଯାଇଥିଲା। ଭାରତ ବିଭାଜନକୁ ସେ



ଦୃଢ଼ ବିରୋଧ କରୁଥିଲେ ସେ ମହିଳା ଓ ପଛୁଆ। ବର୍ଗଙ୍କ ପାଇଁ ୬୦ପ୍ରତିଶତ ସିଟରେ ଆରକ୍ଷଣ ପାଇଁ ମହ ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ସେ ଜଣେ ମହାନ ସମାଜ ସୁଧାରକ ଥିଲେ। ସାତ ସ୍ତରରେ ଥିବା ଅସାମନତାକୁ ବିରୋଧ କରି ଆର୍ଥିକ ସମାନତା, ବ୍ୟକ୍ତିଗତ ଅଧିକାର, ରଙ୍ଗ ଗତ ବୈଷମ୍ୟତା ର ବିଲୋପ, ଜାତୀୟ ସ୍ୱାଧୀନତା, ମହିଳାଙ୍କୁ ଉତଥାନ, ଜାତି ନିର୍ମୁଳତା ଓ ସଶସ୍ତ୍ର ସଂଘର୍ଷକୁ ଅସହଯୋଗ ଆଦି ସାତ ଗୋଟି ବ୍ୟବସ୍ଥା ଲୋହିଆଙ୍କ ସପ୍ତ କ୍ରାନ୍ତି ଭାବେ ଜଣାଶୁଣା। ସେହିଭଳି ଆଜିର ଦିନରେ ମହାନ ବିପ୍ଳବୀ ସହିଦ ଭଗତ ସିଂଙ୍କୁ ବ୍ରିଟିଶ ସରକାର ମିଥ୍ୟା କେସରେ ଛନ୍ଦି ଫାଶୀ ଦେଇଥିଲା ଉଭୟ ଭଗତ ସିଂ ଓ ରାମ ମନୋହର ଲୋହିଆ। ରାଷ୍ଟ୍ରର ପୁଞ୍ଜିବାଦୀ ଅର୍ଥନୀତି, ସାମ୍ରାଜ୍ୟବାଦୀ ଚରିତ୍ର, ଜାତିବାଦ, ସାମ୍ପ୍ରଦାୟିକ ଭୂମିକାକୁ ଦୃଢ଼ ବିରୋଧ କରିଛନ୍ତି ଓ ସମାଜବାଦ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ସଂଘର୍ଷ କରିଛନ୍ତି। ଏଣୁ ସମାଜବାଦ ଏକ ମାତ୍ର ବ୍ୟବସ୍ଥା ଆଜି ଭାରତବର୍ଷରେ ଜନ ଗଣଙ୍କୁ ସ୍ୱାଧୀନତା, ସମାନତା ଓ ମର୍ଯ୍ୟାଦାବନ୍ତ ଜୀବନ ଯାପନଦେଇ ପାରିବା ସହ ପ୍ରତ୍ୟେକଙ୍କ ଜୀବନ ଜୀବିକା ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ଦେଇପାରିବ ବୋଲି ଆଜିର ସଭାରେ ମତ ପ୍ରକାଶ ପାଇଛି। ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜନୀତି ବିଭାଗ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ମୁଖ୍ୟ ବକ୍ତା ପରିବେଁଶବିତ ପ୍ରଫୁଲ୍ଲ ସାମନ୍ତରା, ସମ୍ମାନିତ ଅତିଥି ଆଇନଜୀବି ଅବନୀ ଗୟା ମଞ୍ଚାସୀନ ଥିବାବେଳେ ଶିକ୍ଷକ ନେତା ତଥା ମଞ୍ଚର ସଂଯୋଜକ ଅଶୋକ ଦଳାଇ ସ୍ୱାଗତ ଭାଷଣ ଦେଇଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray